## ସଂକ୍ଷେପରେ

### ‘ଅବେହେଳିତଙ୍କ ଲାଗି ସଂଗ୍ରାମ କରୁଥିଲେ ରବିନାରାୟଣ’

ବନ୍ତ,୨୫।୪(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ନିମପଲ୍ଲୀ ଗ୍ରାମର ଯୁବ ସାମାଜିକ କର୍ମୀ, ଶିକ୍ଷକ ସ୍ୱର୍ଗତ ରବିନାରାୟଣ ଜେନା ଛାତ୍ର ଜୀବନରୁ ଦଳିତ ଓ ଅବହେଳିତ ଲୋକଙ୍କ ପାଇଁ ସଂଗ୍ରାମ କରିଆସୁଥିଲେ ବୋଲି ତାଙ୍କ ବାସଭବନରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ କହିଛନ୍ତି। ଅବସରପ୍ରାପ୍ତ କାରାଧିକାରୀ ବାବାଜୀ ଚରଣ ଜେନାଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ସିପିଆଇର ବରିଷ୍ଠ ନେତା ଗୋପବନ୍ଧୁ ସେଠୀ, ଜୋନ୍ ସମ୍ପାଦକ ରମେଶ ଜେନା, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ସାମାଜିକ କର୍ମୀ ସେକ୍ ଜଲାଲଉଦ୍ଦୀନ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ଭାସ୍କର ଚନ୍ଦ୍ର ବେହେରା, ସୁବାସ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଭାସ ମହାପାତ୍ର, ଅଧ୍ୟାପକ ମହେଶ୍ୱର ମଲ୍ଲିକ, ଆଇନଜୀବୀ ପ୍ରତାପ ସେଠୀ, ଶିକ୍ଷକ ସେକ୍ ୟାକତ୍ ଅଲ୍ଲୀ, ଅଜୟ କୁମାର ପୃଷ୍ଟି, ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ଦାସ, ସାମାଜିକ କର୍ମୀ ପଦ୍ମନାଭ ଦାସ, ମଥୁରୀ ଜେନା, କମଳାକାନ୍ତ ଦାସ ଓ ଉଦ୍ଧବ ସେଠୀ ଯୋଗ ଦେଇଥିଲେ। ସୁକାନ୍ତ କୁମାର ଜେନା ଓ ଉଦୟନାଥ ବାରିକ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ଟ୍ରେନ୍‌ରେ ଘରକୁ ଫେରିବା ବେଳେ ନିଖୋଜ

ଭଣ୍ଡାରିପୋଖରୀ,୨୫।୪ (ରବିନାରାୟଣ ଖିଲାର)

ଘରୁ କାମ ଅନ୍ୱେଷଣରେ ଗୁଜରାଟ ଯାଇଥିଲେ ଭଣ୍ଡାରିପୋଖରୀ ଥାନା ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତ ଜୟୀପୁର ଗ୍ରାମର ପ୍ରଫୁଲ୍ଲ ଜେନା। ନିକଟରେ ସେ ରେଳ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ନିଖୋଜ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଜୟୀପୁର ଗ୍ରାମର ଗୋବର୍ଦ୍ଧନ ଜେନାଙ୍କ ପୁଅ ପ୍ରଫୁଲ୍ଲ କିଛିଦିନ ପୂର୍ବରୁ କାମ ଧନ୍ଦା ଅନ୍ୱେଷଣରେ ଗୁଜରାଟ ଯାଇଥିଲେ। ଗତ ଗୁରୁବାର ସେ ଭାଦୋଦରା ଜଙ୍କସନ ଷ୍ଟେଶନରୁ ଭୁବନେଶ୍ୱର ଆସିବା ପାଇଁ ଟ୍ରେନ୍‌ରେ ଆସୁଥିବା ନେଇ ତାଙ୍କ ପରିବାର ଲୋକ ଖବର ପାଇଥିଲେ। ଉକ୍ତ ଟ୍ରେନ୍ ଶନିବାର ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିଥିଲା। ହେଲେ ପ୍ରଫୁଲ୍ଲ ଗାଁକୁ ଆସି ନ ଥିବାରୁ ତାଙ୍କ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। କୌଣସି ବ୍ୟକ୍ତି ପ୍ରଫୁଲ୍ଲଙ୍କ ସନ୍ଧାନ ପାଇଲେ ନିକଟସ୍ଥ ଥାନା କିମ୍ବା ତାଙ୍କ ଘର ଲୋକଙ୍କୁ ଜଣାଇବାକୁ ନିବେଦନ କରାଯାଇଛି।

### ପୁସ୍ତକ ଦିବସ ପାଳିଲେ

ଭଣ୍ଡାରିପୋଖରୀ, ୨୫।୪ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକର ପଦିନାରାୟଣପୁରସ୍ଥିତ ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ବିଶ୍ୱ ପୁସ୍ତକ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ସଭାପତି ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରବୀନ୍ଦ୍ର ନନ୍ଦ, ମୁଖ୍ୟବକ୍ତା କବି ସନ୍ତୋଷ ସାହୁ ଏବଂ ସମ୍ମାନିତ ବକ୍ତା ଭାବେ କବି ଜଗନ୍ନାଥ ନାୟକ ଯୋଗଦେଇ କାଳଜୟୀ ପୁସ୍ତକର ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ନାୟକ, ଘନଶ୍ୟାମ ସ୍ୱାଇଁ, ରବିନାରାୟଣ ସ୍ୱାଇଁ, ସୁବ୍ରତ ଦାସ, ଜୟଦେବ ସେନାପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ହିମାଂଶୁ ରାଉତ ଧନ୍ୟବାଦ ଦେଇଥିଲେ।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

କେନ୍ଦୁଝର, ୨୫।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅଞ୍ଚଳରେ ସାପକାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଜୁରୀଜୁଆଣୀ ଗ୍ରାମର ପାଣ୍ଡବ ଜୁଆଙ୍ଗଙ୍କ ସ୍ତ୍ରୀ ଟୁରୀ ଜୁଆଙ୍ଗ(୩୫)। ସେ ଘର ଅଗଣାରେ ଖପର ଉଠାଉଥିବାବେଳେ ଏକ ସାପ ଚୋଟ ମାରିଥିଲା। ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ଏକ ଅପମୃତ୍ୟୁ ମାମଲା(ନଂ. ୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଗ୍ରୀଷ୍ମପ୍ରବାହଠୁ ବଳିଯାଉଛି ଇଟାଭାଟି ତାତି

ଧାମନଗର,୨୫।୪ (ସନ୍ତୋଷ କୁମାର ମହାପାତ୍ର)

ଗତ କିଛିଦିନ ହେଲା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ସକାଳ ୮ଟା ପରେ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡ଼ୁଛି। ଖରା ତାତିକୁ ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ୁଛି। ଏଭଳି ସ୍ଥିତିରେ ଧାମନଗର ବ୍ଲକ ଅଞ୍ଚଳରେ ଗଢ଼ି ଉଠିଥିବା ବେଆଇନ ଇଟାଭାଟି ତାତିକୁ ଦ୍ୱିଗୁଣିତ କରିଛି। ବ୍ଲକର ବିଭିନ୍ନ ଗାଁରେ ବେଆଇନ ଭାବେ ପ୍ରତ୍ୟେହ ୨୦ରୁ ଊର୍ଦ୍ଧ୍ୱ ଇଟାଭାଟି ପୋଡ଼ାଯାଉଛି। ଭାଟିରେ କୋଇଲା ଜଳିବା ଦ୍ୱାରା ବାହାରୁଥିବା ଗରମ ଧୂଆଁ ଗାଁ ଭିତରକୁ ପଶି ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ଟାଣ ଖରା ସାଙ୍ଗକୁ ଇଟାଭାଟିର ଗରମ ହାୱା ତତଲା ନିଆଁରେ ଜାଳିବା ପରି ଅନୁଭୂତ ହେଉଛି।


ଦୋବଲ ଖଡ଼ିପଦା ମୁଖ୍ୟରାସ୍ତା ନିକଟରେ ଇଟାଭାଟି।

ବିଶେଷ କରି ଦୋବଲରୁ ଖଡ଼ିପଦା, କାଞ୍ଚିଆପାଳ, ଆନନ୍ଦପୁର, ବେଦପୁର, ସୋହଡ଼ା, ସୋଧ, ଦଳାଙ୍ଗ, ଜାହାଙ୍ଗୀର, ଅର୍ଜ୍ଜୁନପୁର, ହସନାବାଦ, ଫଳପୁର ଆଦି ଅଞ୍ଚଳରେ ବହୁ ସଂଖ୍ୟାରେ ଇଟାଭାଟି ଚାଲୁଛି। ଘର ତିଆରିରେ ପୋଡ଼ା ଇଟାର ଚାହିଦାକୁ ନଜରରେ ରଖି ଗାଁ ଗହଳିରେ ଛୋଟମୋଟ ବେପାରୀ ପ୍ରବଳ ମାତ୍ରାରେ ମାଟିଇଟା ପକାଉଛନ୍ତି। ପ୍ରଶାସନର ଅଙ୍କୁଶ ନ ଥିବାରୁ ସବୁ ନିୟମକୁ ଜଳାଞ୍ଜଳି ଦେଇ ବେଧଡ଼କ ଭାବେ ଇଟାଭାଟି ଚାଲୁଛି। ଗାଁ, ସ୍କୁଲ, ଆରାଧନାସ୍ଥଳୀଠାରୁ ୧.୫ କି.ମି. ଦୂର ଓ ନଦୀ, ନାଳ, ଜଳାଶୟଠାରୁ ସର୍ବନିମ୍ନ ୧ କି.ମି. ଦୂରରେ ଇଟାଭାଟି କରିବାକୁ କେନ୍ଦ୍ରୀୟ ପରିବେଶ ପ୍ରଦୂଷଣ ନିୟାମକ ବୋର୍ଡ ନିୟମାବଳୀ ଜାରି କରିଥିଲା। ଏହି ନିୟମ ଅବମାନନା ହେଉଥିଲେ ମଧ୍ୟ ତହସିଲ କିମ୍ବା ପରିବେଶ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ତହସିଲଦାର ଦୀପକ ଦାସ କହିଛନ୍ତି, ଯେଉଁଠି ଇଟା ପଡ଼ୁଛି, ଖବର ମିଳିବା କ୍ଷଣି ଚଢ଼ାଉ ସହ ଜରିମାନା ଆଦାୟ କରାଯାଉଛି।

# ବାପାଙ୍କ ଶୁଦ୍ଧିକ୍ରିୟାକୁ ଯାଇଥିଲେ, ଘରେ କଳାକନା ବୁଲାଇଲେ ଚୋର

ବାସୁଦେବପୁର,୨୫।୪(ନାରାୟଣ ପ୍ରସାଦ ବାରିକ୍)

**୪୫ ହଜାର ଟଙ୍କା ସହ ଅଳଙ୍କାର ନେଇଗଲେ**

ବାପାଙ୍କ ଶୁଦ୍ଧିକ୍ରିୟାକୁ ଯାଇଥିଲେ। ଏପଟେ ଘରେ କଳାକନା ବୁଲାଇ ଦେଲେ ଚୋର। ବାସୁଦେବପୁର ପୌରପାଳିକାର ବିଦ୍ୟୁତ୍ ମାର୍ଗରେ ବୁଧବାର ରାତିରେ ଏଭଳି ଘଟଣା ଘଟିଛି। ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ବେହେରାଙ୍କ ଘରୁ ଚୋରି ହୋଇଛି। ସେ ତାଙ୍କ ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ପୈତୃକ ଗ୍ରାମ ବରଣ୍ଡୁଆକୁ ଯାଇଥିବା ବେଳେ ଚୋରମାନେ ଘରର ତାଲା ଓ ଗ୍ରୀଲ୍ କାଟି ଆଲମିରାରେ ଥିବା ନଗଦ ୪୫ ହଜାର ଟଙ୍କା ସହ ୧୫୦ ଗ୍ରାମ୍ ଓଜନର ସୁନା ଅଳଙ୍କାର ଓ ୨୫୦ ଗ୍ରାମ୍‌ରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ଚୋରି କରି ନେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଏନେଇ ସେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ଗଜେନ୍ଦ୍ର ବାସୁଦେବପୁର ସହର ନିକଟସ୍ଥ ବିଦ୍ୟୁତ୍‌ମାର୍ଗସ୍ଥିତ ଜାଫରପୁର ଗ୍ରାମରେ ଘର କରି ରହୁଛନ୍ତି। ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିବା ବେଳେ ଶୁଦ୍ଧିକ୍ରିୟା ପାଇଁ ସେ ବରଣ୍ଡୁଆକୁ ଯାଇଥିଲେ। ସେ ଗୁରୁବାର ସକାଳେ ଜାଫରପୁରସ୍ଥିତ ଘରକୁ ଫେରିବା ପରେ ଘରର ଗ୍ରୀଲ୍, ମୁଖ୍ୟ କବାଟ ଓ ଆଲମିରାର ତାଲା କଟାଯାଇଥିବା ଦେଖିବାକୁ ପାଇଥିଲେ। ନଗଦ ଟଙ୍କା ସହ ୩ଟି ସୁନାଚେନ୍, ଗୋଟିଏ ହାର, ୪ଟି ମୁଦି, କାନଫୁଲ ଦୁଇହଳ, ରୁପା ପାଉଁଜି, ବଳା ସମେତ ତାଙ୍କର କେତେକ ଦରକାରୀ କାଗଜପତ୍ର ଓ ସାର୍ଟିଫିକେଟ୍ ଚୋରି ହୋଇଥିବା ସେ ଏତଲାରେ ଦର୍ଶାଇଛନ୍ତି।

# ବିଜେଡିର ଜୋନ୍‌ସ୍ତରୀୟ ନିର୍ବାଚନୀ ସଭା


ନିର୍ବାଚନୀ ସଭାରେ ଭଦ୍ରକ ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଏବଂ ବିଧାନସଭା ପ୍ରାର୍ଥୀ ପ୍ରଫୁଲ୍ଲ ସାମଲଙ୍କ ସହ ବିଜେଡି କର୍ମକର୍ତ୍ତା।

ଭଦ୍ରକ,୨୫।୪(ସନାତନ ରାଉତ)

ଭଦ୍ରକ ବ୍ଲକର ଗେଲଟୁଆ ପଞ୍ଚାୟତ ପଡ଼ିଆରେ ବିଜେଡିର ୨୫ ନଂ. ଜିଲା ପରିଷଦ ଜୋନ୍‌ସ୍ତରୀୟ ଏକ ବିଶାଳ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ତଥା ଜିଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲଙ୍କ ସଞ୍ଚାଳନାରେ ଆୟୋଜିତ ଏହି ସଭାରେ ଭଦ୍ରକ ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଏବଂ ବିଧାନସଭା ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ଆସନ୍ତା ନିର୍ବାଚନରେ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେଇ ରାଜ୍ୟର ବିକାଶ ସହ ଭଦ୍ରକ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ଧାରାରେ ସାମିଲ ହେବାକୁ ଅନୁରୋଧ କରିଥିଲେ।

ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲା ପରିଷଦ ସଭ୍ୟା ପ୍ରତିମା ଜେନା, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଦେବୀଦତ୍ତା ମହାନ୍ତି, ବରିଷ୍ଠ ବିଜେଡି ନେତା ବଟକୃଷ୍ଣ ଦାଶ, ବ୍ଲକ ଯୁବ ବିଜେଡି ସଭାପତି ତଥା ଗୁଜିଦରଡ଼ା ସରପଞ୍ଚ ଇଂ. ଏମ୍. ଡି. ଫରହତ୍ ଆଲାମ, ବନ୍ଧଗାଁ ସମିତିସଭ୍ୟା ସନ୍ଧ୍ୟାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନେତା ଯୋଗେନ୍ଦ୍ର ଘଡ଼େଇ, ଯୁବନେତା ପ୍ରିୟବ୍ରତ ନାୟକ, ଗେଲଟୁଆ ସମିତିସଭ୍ୟ ମନୋଜ କୁମାର ବାରିକ, ବନ୍ଧଗାଁ ସରପଞ୍ଚ ନୀରୋଜ ରାଉତ, ଓଲଙ୍ଗ ସରପଞ୍ଚ ଅକ୍ଷୟ କୁମାର ମହାନ୍ତିଙ୍କ ସମେତ ୯ ପଞ୍ଚାୟତର ଲୋକ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଜୋନ୍ ଅଧୀନ ୯ ପଞ୍ଚାୟତରୁ ୧୦ହଜାରରୁ ଅଧିକ ମହିଳା, ଯୁବକଙ୍କ ସମେତ ଦଳୀୟ କର୍ମୀ ଏଥିରେ ସାମିଲ ହୋଇଥିଲେ।

# ସଫଳତା ପାଇଁ କାର୍ଯ୍ୟ କରିବାକୁ କର୍ମୀଙ୍କୁ ପରାମର୍ଶ

ତିହିଡ଼ି,୨୫।୪(ସଞ୍ଜିତ ବଳ)

ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଭାଟପଡ଼ା ପଞ୍ଚାୟତର ତିହିଡ଼ି ଗ୍ରାମରେ ବିଜେଡିର କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ସହ ସଫଳତା ହାସଲ ପାଇଁ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ନେତା ଦୁର୍ଗାଦତ୍ତ ରାଉତରାୟ ଯୋଗଦେଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ତାଙ୍କ କାର୍ଯ୍ୟକାଳରେ କରିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ଲୋକଙ୍କୁ ଏନେଇ ଅବଗତ କରାଇବାକୁ କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ସଭାପତି ରଘୁନାଥ ପଣ୍ଡା, ଜିଲା ଉପସଭାପତି ସୁରେନ୍ଦ୍ର କୁମାର ନାୟକ ଓ ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ ଯୋଗଦେଇ ଆସନ୍ତା ନିର୍ବାଚନରେ ଭାଟପଡ଼ା ପଞ୍ଚାୟତରେ ଦଳୀୟ ପ୍ରାର୍ଥୀ କିପରି ଲୋକଙ୍କ ପ୍ରିୟଭାଜନ ହୋଇପାରିବେ, ସେନେଇ ଆଲୋଚନା କରିଥିଲେ। ଯୁବ ବିଜେଡି ସଭାପତି ଦେବୀପ୍ରସାଦ ପତି, ହରିହର ନାୟକ, ଈଶ୍ୱର ନାୟକ, ପ୍ରଫୁଲ୍ଲ ପାତ୍ର, କୃପାସିନ୍ଧୁ ଜେନା, ବିଷ୍ଣୁଚନ୍ଦ୍ର ଦାସ, ମନୋରଞ୍ଜନ ବେହେରା, ମୃତ୍ୟୁଞ୍ଜୟ ନାୟକ, ବ୍ରଜକିଶୋର ନାୟକ, ଭାଗୀରଥି ସେଠୀ, ତାରାକାନ୍ତ ଜେନା, ବାପୁନ ଓଝା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ


କର୍ମୀ ସମ୍ମିଳନୀରେ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ଓ ଅନ୍ୟମାନେ।

ଚାନ୍ଦବାଲି,୨୫।୪(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ଯଶୀପୁର ପଞ୍ଚାୟତରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ଖାଉଟି ନିଗମ ସଭାପତି ପ୍ରତାପ ଚନ୍ଦ୍ର ଧଳ ଏଥିରେ ସଭାପତିତ୍ୱ କରିଥିଲେ। ମିଶ୍ରଣ ପର୍ବରେ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ଡ. ବ୍ୟୋମକେଶ ରାୟଙ୍କ ଉପସ୍ଥିତିରେ ୪୦ରୁ ଊର୍ଦ୍ଧ୍ୱ ପରିବାରର ଶତାଧିକ ଲୋକ ଭାଜପା ଓ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟକ ପ୍ରାର୍ଥୀ ରାୟ ଆଗାମୀ ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବା ସହ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ବିଜୟ ଦିଗରେ ସମସ୍ତ ନେତୃବୃନ୍ଦଙ୍କୁ ସଙ୍ଗଠିତ ଭାବେ କାର୍ଯ୍ୟ କରି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଉଭୟ ବିଧାନସଭା ଓ ଲୋକ ସଭା ପାଇଁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଏମ୍‌ପି ମଣ୍ଡଳ ନିବେଦନ କରିଥିଲେ। ବ୍ଲକ ବିଜେଡି ସଭାପତି ଦ୍ୱିଜବର ରାଉତ, ଜିଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେଶ ମାଝୀ, ନିତ୍ୟାନନ୍ଦ ବିଶ୍ୱାଳ, ଶରତ ସାହୁ, ଜିଲା ଯୁବ ସମ୍ପାଦକ ଦୀପକ ରାଉତ, ପପୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ବାସ୍କେଟବଲ୍ ପ୍ରତିଯୋଗିତାରେ ରାହୁଲ

ଭଦ୍ରକ,୨୫।୪ (ସନାତନ ରାଉତ)

ହରିଆଣାର ଗୁରୁଗ୍ରାମରେ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବାକୁ ଥିବା ୬୭ତମ ୧୭ ବର୍ଷରୁ କମ୍ ଜାତୀୟ ବାସ୍କେଟବଲ୍ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ୧୨ଜଣ ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳରେ ଭଦ୍ରକ ଜିଲାରୁ ରାହୁଲ ପଣ୍ଡା ସ୍ଥାନ ପାଇଛନ୍ତି। ଭଦ୍ରକ ବ୍ଲକ ଅଧୀନ ଜଗନ୍ନାଥପୁର ଗ୍ରାମର ଗୌତମ ପଣ୍ଡା ଓ ବନୀତା ପଣ୍ଡାଙ୍କ ପୁଅ ରାହୁଲ। ଚଳିତବର୍ଷ ସେ ବାଗୁରାଇ ହାଇସ୍କୁଲରୁ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ପ୍ରଥମ ଥର ବାସ୍କେଟ ବଲ୍ ବାଳକ ଦଳରେ ଭଦ୍ରକରୁ ରାହୁଲ ସାମିଲ ହୋଇଥିବାରୁ ଏହା ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଏମ୍ ବାଗୁରାଇ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ, କ୍ରୀଡ଼ା ଶିକ୍ଷକ ତପନ ମିଶ୍ର, ମାନସା ରାଉତ, କୋଚ୍ ମନୋଜ କୁମାର ସାହୁଙ୍କ ସହ ବରିଷ୍ଠ ଖେଳାଳିମାନେ ଶୁଭେଚ୍ଛା ଜଣାଇଛନ୍ତି।


ରାହୁଲ ପଣ୍ଡା।

# ନାଟିକା ମାଧ୍ୟମରେ ନିଶା ନିବାରଣ ସଚେତନତା




ଭଦ୍ରକ, ୨୫।୪(ରବିନାରାୟଣ ଖିଲାର)

ଭଦ୍ରକ ରାଣୀତାଲସ୍ଥିତ ଗାୟତ୍ରୀ ଚେତନା କେନ୍ଦ୍ରଠାରେ ଚନ୍ଦନ ପୂର୍ଣ୍ଣିମା ତିଥିରେ ଏକ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ସହ ନିଶା ନିବାରଣ ନାଟିକା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି। ମାନବକୁ ମାଦକ ଦ୍ରବ୍ୟ କିପରି ତା'ର ଇନ୍ଦ୍ରଜାଲରେ ବାନ୍ଧି ରଖି ସମାଜକୁ ନଷ୍ଟ କରୁଛି, ଏହା ନାଟକର ମୁଖ୍ୟ ବିନ୍ଦୁ ଥିଲା। ଏଥିରେ ମଦ ଭୂମିକାରେ ଦୁର୍ଯ୍ୟୋଧନ ଦାସ, ତମାଖୁରେ ନମିତା ହାସଦା, ଗୁଟ୍‌ଖା ଭୂମିକାରେ ଆକାଶ ଦାସ, ଗାୟତ୍ରୀ ପରିଜନ ଭୂମିକାରେ ଯାଜ୍ଞସେନୀ ମହାନ୍ତି ଏବଂ ମା' ସନ୍ତୋଷୀ ଭୂମିକାରେ ସ୍ୱପ୍ନାରାଣୀ ବାରିକ ଅଭିନୟ କରିଥିଲେ। ରାଜେଶ ଦାସ, ନିରାକାର ନାୟକ, ସୁଶାନ୍ତ ମହାନ୍ତି, ବ୍ରଜକିଶୋର ନାୟକ, ସନ୍ତୋଷ କୁମାର ସେଠୀ, କନକଲତା ମଲ୍ଲିକ, ଶୈଳ ସେଠୀ ଓ ସନାତନ ଦାସ ସହଯୋଗ କରିଥିଲେ। ପ୍ରତି ପୂର୍ଣ୍ଣିମାରେ ଯଜ୍ଞ ଆୟୋଜନ କରାଯିବା ସହ ଗାୟତ୍ରୀ ପରିବାରର ସଂସ୍ଥାପକ ବେଦମୂର୍ତ୍ତି ତପୋନିଷ୍ଠ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ମହାନ ଲକ୍ଷ୍ୟ ପରିପ୍ରେକ୍ଷୀରେ ଜନସଚେତନତା କାର୍ଯ୍ୟକ୍ରମ ନିୟମିତ ରୂପେ କରାଯିବାକୁ ସମସ୍ତେ ସଂକଳ୍ପ ନେଇଥିଲେ।

# ଗାଡ଼ି ଯାଞ୍ଚ ବେଳେ ମିଳିଲା ବ୍ରାଉନସୁଗାର, ଜଣେ ଗିରଫ

ଭଦ୍ରକ,୨୫।୪ (ସନାତନ ରାଉତ)

ଭଦ୍ରକ ଚରମ୍ପାସ୍ଥିତ ବଉଳପୋଖରୀ ଛକରୁ ଗ୍ରାମାଞ୍ଚଳ ପୋଲିସ ବ୍ରାଉନସୁଗାର ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରିଛି। ଗ୍ରାମାଞ୍ଚଳ ପୋଲିସ ପକ୍ଷରୁ ବୁଧବାର ଅପରାହ୍ନରେ ବଉଳପୋଖରୀ ଛକରେ ଏମ୍‌ଭି ଚେକିଂ ଚାଲିଥିଲା। ଚରମ୍ପାରୁ ବାଇକ୍‌ରେ ବଉଳପୋଖରୀ ଆସୁଥିବା ଉକ୍ତ ଯୁବକଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ତଲାସୀ ନେବା ପରେ ତାଙ୍କ ପାଖରୁ ୧୩.୧୧ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଖବରଦାତା ସମ୍ମିଳନୀର ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ ସୂଚନା ଦେଇଛନ୍ତି। ଗିରଫ ବଉଳପୋଖରୀ ଗ୍ରାମର ରାଜା ମଲିକ(୨୨)ଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

# ବିପଦସଙ୍କୁଳ ଅବସ୍ଥାରେ ମହତାବଙ୍କ ସମାଧି ପାଚେରି


ବିପଦସଙ୍କୁଳ ଅବସ୍ଥାରେ ଥିବା ପାଚେରି।

ଆଗରପଡ଼ା, ୨୫।୪ (ସୁଶାନ୍ତ ଦାଶ)

ବନ୍ତ ବ୍ଲକର ଆଗରପଡ଼ା ସମେତ ଭଦ୍ରକ ଜିଲାର ଗୌରବ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ସମାଧି ପୀଠକୁ ଉପଯୁକ୍ତ ସମ୍ମାନ ମିଳୁ ନ ଥିବା ଅଭିଯୋଗ ହେଉଛି। ଆଗରପଡ଼ା ହାଟପଡ଼ିଆ ନିକଟସ୍ଥ ସମାଧିପୀଠ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଏହାର ଚତୁଃପାର୍ଶ୍ୱ ପାଚେରି ନଷ୍ଟ ହୋଇ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି। କେତେବେଳେ ଯେ ପାଚେରି ଭୁଶୁଡ଼ି ପଡ଼ିବ ଏବଂ ଏହି କାରଣରୁ ଧନଜୀବନ ହାନି ଘଟିବାର ଆଶଙ୍କା ରହିଛି। ପଛପଟ ପାଚେରି ଭବାନୀଗଞ୍ଜ ଗ୍ରାମର ମୁଖ୍ୟ ରାସ୍ତାକୁ ଲାଗିଥିବା ସହ ଆଗରପଡ଼ା ହାଟକୁ ସଂଯୋଗ କରିଛି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ସ୍କୁଲ ପିଲା, ଗ୍ରାମବାସୀ ଏବଂ ଗାଡ଼ି ମୋଟର ଯାତାୟାତ କରୁଥିବା ବେଳେ ସପ୍ତାହର ଦୁଇ ହାଟବାରିରେ ରାସ୍ତାଟି ଜନଗହଳି ହୋଇଥାଏ। ସମାଧିପୀଠ ଓ ପାଚେରି ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୧୬ ଶିକ୍ଷାର୍ଥୀଙ୍କୁ ରାଜେନ୍ଦ୍ର ପ୍ରସାଦ ପ୍ରତିଭା ସମ୍ମାନ

ଭଦ୍ରକ,୨୫।୪(ସନାତନ ରାଉତ)

ଚାନ୍ଦବାଲି ବ୍ଲକର ତୋଟାପଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ରାଇପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦିବଂଗତ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଯେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜେନ୍ଦ୍ର ପ୍ରସାଦ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ସମ୍ପାଦକ ତଥା ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀତା ମିଶ୍ର, ବିଶିଷ୍ଟ ଅତିଥି ବିପ୍ଳବୀ ବୀର ଚକ୍ରଧର ବିଦ୍ୟାପୀଠର ପ୍ରଧାନଶିକ୍ଷକ ଗଗନ ବିହାରୀ ସାହୁ, ଅନ୍ୟତମ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲମ୍ବୋଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜଣେ ଶିକ୍ଷକଙ୍କୁ ତାଙ୍କର ଅସାଧାରଣ କାର୍ଯ୍ୟଶୈଳୀ ହିଁ ଚିରସ୍ମରଣୀୟ କରି ରଖିଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସାଧନକେନ୍ଦ୍ର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ୨୦୨୩-୨୦୨୪ ଶିକ୍ଷାବର୍ଷରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା କୃତୀ ୧୬ ଶିକ୍ଷାର୍ଥୀଙ୍କୁ ସ୍ମୃତି ସଂସଦ ପକ୍ଷରୁ ‘ରାଜେନ୍ଦ୍ର ପ୍ରସାଦ ପ୍ରତିଭା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା।


ସମାରୋହରେ ଅତିଥିଙ୍କ ସହ ସମ୍ମାନିତ ଶିକ୍ଷାର୍ଥୀମାନେ

ଶିକ୍ଷକ ରଞ୍ଜିତ କୁମାର ଯେନା ବେଦପାଠ କରିଥିବା ବେଳେ ଶିକ୍ଷକ ଗୟାଧର ସାହୁ ଅତିଥି ପରିଚୟ ଦେଇଥିଲେ। ସ୍ମୃତି ସଂସଦର ସଭାପତି ପ୍ରଧାନଶିକ୍ଷକ ବିଜୟ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲମ୍ବୋଦର ସାହୁ, ଉପସଭାପତି ଭରତ ଚନ୍ଦ୍ର ପରିଡ଼ା, ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର କର, ସାଙ୍ଗଠନିକ ସମ୍ପାଦକ ଅମରେଶ ଚନ୍ଦ୍ର ପଣ୍ଡା ଓ ସହସମ୍ପାଦକ ପ୍ରଦୀପ କୁମାର ଯେନା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଅର୍ଜୁନ ପାତ୍ର, ପ୍ରତିମା ମହାନ୍ତି, ଅନନ୍ତ ସ୍ୱାଇଁ, ପଦ୍ମନାଭ ଉପାଧ୍ୟାୟ, ଜୟନ୍ତୀଲତା ଦାସ, କୁନୀଲତା ମହାପାତ୍ର, ପ୍ରଭାବତୀ ବେହେରା, କାଞ୍ଚନ ମହାଳିକ, ଦାରା ସିଂ, ବିଜୟ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ପ୍ରଫୁଲ୍ଲ ପଣ୍ଡା ଧନ୍ୟବାଦ ଦେଇଥିଲେ।

**ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ**

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅଞ୍ଚଳରେ ସାପକାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଜୁରୀଜୁଆଣୀ ଗ୍ରାମର ପାଣ୍ଡବ ଜୁଆଙ୍ଗଙ୍କ ସ୍ତ୍ରୀ ଟୁରୀ ଜୁଆଙ୍ଗ(୩୫)। ସେ ଘର ଅଗଣାରେ ଖପର ଉଠାଉଥିବାବେଳେ ଏକ ସାପ ଚୋଟ ମାରିଥିଲା। ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ଏକ ଅପମୃତ୍ୟୁ ମାମଲା(ନଂ. ୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଜନ୍ମଦିନ ଆଳରେ କଂଗ୍ରେସର କର୍ମୀ ସମାବେଶ



ହାଟଡ଼ିହୀ,୨୫।୪(ପାର୍ଥ ସୌରଭ ସା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶଙ୍ଖଣାଠାରେ ପିସିସି ସମ୍ପାଦକ ମନୋଜ ଜେନାଙ୍କ ଜନ୍ମଦିନ ଅବସରରେ ଗୁରୁବାର କଂଗ୍ରେସର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଅନେକ ହଜାର କଂଗ୍ରେସ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଜୟଦେବ ଜେନା ଯୋଗଦେଇ ନିର୍ବାଚନରେ କିପରି କଂଗ୍ରେସକୁ ବିଜୟୀ କରାଇବେ ସେଥିଲାଗି ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ନଗର କଂଗ୍ରେସ ସଭାପତି ହାଡ଼ିବନ୍ଧୁ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ଜେନା, ସୁବ୍ରତ ମହାପାତ୍ର, ଅଲେଖ ମଲିକ ପ୍ରମୁଖ ଯୋଗଦେଇଥିଲେ।

### ବାଇକ୍, ସ୍କୁଟି ମୁହାଁମୁହିଁ, ୨ ମୃତ

ଡେଙ୍କିକୋଟ,୨୫।୪(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଡେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଡେଙ୍କିକୋଟ ପଞ୍ଚାୟତ ୨୦ ନଂ. ଜାତୀୟ ରାଜପଥ ଟିକିରାସ୍ଥିତ ଭାରତ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ବାଇକ ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଘଟଣାରେ ଦୁଇ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ବାଇକ ଆରୋହୀ ଡେଙ୍କିକୋଟ ପଞ୍ଚାୟତ ଟିକିରା ଗ୍ରାମର ଦେବଜ୍ୟୋତି ମାଝୀ (୨୦)। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତ ସ୍କୁଟି ଆରୋହୀଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ପରେ ଡେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ପହଞ୍ଚି ଦୁହିଁଙ୍କୁ ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ଯୋଗେ ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଛନ୍ତି। ଘଟଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ଶୁକ୍ରବାର ପାଟଣା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ଶୁଖୁଛି ଜଳଭଣ୍ଡାର, ସଙ୍କଟରେ ହାତୀ

କେନ୍ଦୁଝର,୨୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହୁଛି। ଅତ୍ୟଧିକ ଉତ୍ତାପରେ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡ଼ିଛି। ଗରମ ସାଙ୍ଗକୁ ନଦୀ, ନାଳ, କୂଅ, ପୋଖରୀ ଓ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଇବା ସହ ଶୁଖିବାକୁ ବସିଛି। ଏଭଳି ସ୍ଥଳେ ଅନେକ ଅଞ୍ଚଳରେ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ବିଶେଷ କରି ଜଙ୍ଗଲ ନିକଟ ଜଳଭଣ୍ଡାରର ଜଳସ୍ତର ହ୍ରାସ କାରଣରୁ ବନ୍ୟପ୍ରାଣୀ ପାଣି ପାଇଁ ସଂଘର୍ଷ କରୁଛନ୍ତି। ବିଶେଷ କରି ଜଙ୍ଗଲ ପଦା ଯୋଗୁ ବାସହରା ହୋଇ ଏଣେ ତେଣେ ବିଚରଣ କରୁଥିବା ବୃହତ୍ ବନ୍ୟପ୍ରାଣୀ ହାତୀ ପ୍ରବଳ ଗରମ ଓ ଜଳ ସଙ୍କଟ ଯୋଗୁ ନାନା ସମସ୍ୟା ଭୋଗୁଛନ୍ତି।

ବନ ବିଭାଗ ତଥ୍ୟ ଅନୁଯାୟୀ, ଗତ ଶନିବାର କେନ୍ଦୁଝର ଡିଭିଜନରେ ସମୁଦାୟ ୯୦ ହାତୀ ବିଭିନ୍ନ ଜଙ୍ଗଲରେ ରହୁଛନ୍ତି। ସେଥିରେ ୪୦ ମାଈ ହାତୀ ଥିବା ବେଳେ ୨୧ ଦନ୍ତା ଏବଂ ୨୯ ଛୁଆ ହାତୀ ରହିଥିବା ଜଣାପଡ଼ିଛି। କେନ୍ଦୁଝର ଡିଭିଜନର ସଦର, ବଡବିଲ ଓ ପାଟଣା ରେଞ୍ଜରେ ହାତୀ ନ ଥିବା ବେଳେ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜରେ ଗୋଟିଏ ଦନ୍ତା ରହିଛି। ତେଲକୋଇ ରେଞ୍ଜ୍‌ରେ ୨ ଦଳରେ ୨୮ ହାତୀ, ଘଟଗାଁ ରେଞ୍ଜ୍‌ରେ ୨ ଦଳରେ ୧୩ ହାତୀ, ଚମ୍ପୁଆ ରେଞ୍ଜ୍‌ରେ ୨ ଦଳରେ ସର୍ବାଧିକ ୪୮ ହାତୀ ବିଚରଣ କରୁଥିବା ଜଣାପଡ଼ିଛି। ଅଧିକାଂଶ ହାତୀପଲ ପ୍ରବଳ ଗରମ ଓ



ଜଳାଭାବ ଯୋଗୁ ନଦୀ ଓ ଜଳଭଣ୍ଡାର ନିକଟରେ ଆଶ୍ରୟ ନେଉଛନ୍ତି। ବିଶେଷ କରି ଚମ୍ପୁଆ ରେଞ୍ଜ୍‌ରେ ବୈତରଣୀ ଅବବାହିକାରେ ୨ ହାତୀପଲ ବିଚରଣ କରୁଥିବା ଜଣାପଡ଼ିଛି। ପ୍ରବଳ ଗରମ, ଜଳାଭାବ ଯୋଗୁ ଗୋଟିଏ ହାତୀପଲ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ୍‌ରୁ ଅନୁଗୋଳ ବନଖଣ୍ଡକୁ ଚାଲିଯାଇଥିବା ଜଣାପଡ଼ିଛି। ଗରମ ସାଙ୍ଗକୁ ଜଙ୍ଗଲ ନିଆଁ ପରିବେଶକୁ ଅଧିକ ଉତ୍ତପ୍ତ କରିଦେଉଥିବାରୁ ହାତୀ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ବନ ବିଭାଗ ପକ୍ଷରୁ ବିଭିନ୍ନ ଜଙ୍ଗଲରେ ପୋଖରୀ ଖନନ କରାଯାଇଥିଲେ ହେଁ ବର୍ଷା ଅଭାବରୁ ସେସବୁରେ ପାଣି ଶୁଖିଯାଇଛି। ଫଳରେ ହାତୀ ଓ ଅନ୍ୟ ବନ୍ୟପ୍ରାଣୀ ପାଣି ପାଇଁ ଜନବସତିମୁହାଁ ହେଉଛନ୍ତି। ଅନେକ ସମୟରେ ହରିଣ, ବାର୍‌ହା ଜଙ୍ଗଲରୁ ବାହାରି ଗାଁକୁ ଚାଲିଆସୁଛନ୍ତି। ବନ ବିଭାଗ ଏଥିପ୍ରତି ସତର୍କ ଦୃଷ୍ଟି ଦେବା ଜରୁରୀ ବୋଲି ପରିବେଶବିତ୍ ଦୁଷ୍କର ବାରିକ କହିଛନ୍ତି। କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଯଦିଓ ଏବେ ଜଳ ସମସ୍ୟା ଦେଖାଦେଇ ନାହିଁ ତେବେ ସେଭଳି ସମସ୍ୟା ଦେଖାଦେଲେ ଉପଯୁକ୍ତ ପଦକ୍ଷେପ ନିଆଯିବ।

# ଅଭିମନ୍ୟୁଙ୍କ ପାଇଁ ପ୍ରଚାର କଲେ ବଦ୍ରି

## ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ



ଆନନ୍ଦପୁର, ଘସିପୁରା ବିଧାନସଭା କ୍ଷେତ୍ରର ବିଜେଡି ପ୍ରାର୍ଥୀ ଓ କର୍ମକର୍ତ୍ତା।

ଆନନ୍ଦପୁର, (ଉମେଶ ଚନ୍ଦ୍ର ପାଢ଼ୀ/ ସୁଶାନ୍ତ କୁମାର ସାହୁ)/ହାଟଡିହୀ,(ଶୁଭକାନ୍ତ ନାୟକ)/ସୋସୋ(ସତ୍ୟବ୍ରତ ଜେନା)/ ରାମଚନ୍ଦ୍ରପୁର(ଗଣେଶ୍ୱର ସା)/ ୨୫।୪

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ନିର୍ବାଚନୀ ସଭା ୩ ନଂ. ଜୋନ୍ ବେଲବାହାଳି ଆମ୍ବ ତୋଟା ଏବଂ ୨ ନଂ. ଜୋନର ଶାଳବଣୀ ଆମ୍ବ ତୋଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର ଯୋଗଦେଇ ଅଭିମନ୍ୟୁଙ୍କ ପାଇଁ ପ୍ରଚାର କରି ଉଭୟ ଲୋକସଭା ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ସଭାରେ ଅନେକ ହଜାର ମହିଳା ଏବଂ ପୁରୁଷ କର୍ମୀଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଅନ୍ୟ ଦଳର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଗାଁକୁ କାମ ଏବଂ ମା'କୁ ସମ୍ମାନ, ବିଭିନ୍ନ ଜନ କଲ୍ୟାଣ ଯୋଜନା କରିଥିବା ବିଜେଡି ସରକାର ପୁଣି ଓଡ଼ିଶାରେ ସରକାର ଗଢ଼ିବ। ନବୀନ ପଟ୍ଟନାୟକଙ୍କୁ ପୁଣି ମୁଖ୍ୟମନ୍ତ୍ରୀଙ୍କୁ ଭାବେ ଦେଖିବାକୁ ଡବଲ ଶଙ୍ଖରେ ଭୋଟ ଦେବାକୁ କେନ୍ଦୁଝର ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଡାଇରେକ୍ଟର ଦେବପ୍ରିୟ ପାତ୍ର ବୈଠକରେ ଆହ୍ୱାନ ଦେଇଥିଲେ। ବୈଠକରେ ସୁବାସିନୀ ମିଶ୍ର, ଜିତେନ୍ଦ୍ର ସାମଲ, ଅଞ୍ଜନା ବାରିକ, ଅମରେନ୍ଦ୍ର ଧଳ, ମୁନା ସାମଲ, କଳ୍ପନା ଜେନା, ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି, ବରିଷ୍ଠ କର୍ମୀ, ଯୁବ ଗୋଷ୍ଠୀ, ମହିଳାମାନେ ଉପସ୍ଥିତ ଥିଲେ।

# ଗରା ଧରି ଜିଲାପାଳଙ୍କୁ ଗୁହାରି



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

କେନ୍ଦୁଝର,୨୫।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

**ରାସ୍ତା, ପାଣି ସମସ୍ୟା ସମାଧାନ ଦାବି**

ସରକାର ଆଦିବାସୀ ଓ ଗରିବ ଲୋକଙ୍କ ପାଇଁ ମାଳମାଳ ଯୋଜନା କରି ଅନେକ କୋଟି ଖର୍ଚ୍ଚ କରୁଛନ୍ତି। ମାତ୍ର ଜିଲାର ପୁରାତନ ଜନଜାତି ଜୁଆଙ୍ଗମାନେ ଏବେ ମଧ୍ୟ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଛି। ପ୍ରଶାସନ ତଥା ଲୋକ ପ୍ରତିନିଧି ସେମାନଙ୍କ ଦୁର୍ଦ୍ଦଶା ଦୂର କରିବାକୁ ଆନ୍ତରିକତା ପ୍ରଦାନ କରୁନାହାନ୍ତି। ଫଳରେ ଦୀର୍ଘ ପ୍ରାୟ ୪୫ କି.ମି ଦୂର ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ତେନ୍ତଲାପଶି ପଞ୍ଚାୟତ ବଡ଼କମଣ୍ଡରା ଜୁଆଙ୍ଗମାନେ ଜିଲାପାଳଙ୍କ ପାଖକୁ ଆସି ଅଭିନବ ଉପାୟରେ ଗରା, ବାଲଟି ଧରି ପାଣି ମାଗିଛନ୍ତି।

ସୂଚନା ମୁତାବକ, ଉକ୍ତ ଗ୍ରାମରେ ପ୍ରାୟ ୧୦୦ ଜୁଆଙ୍ଗ ବାସ କରୁଛନ୍ତି। ବସୁଧା ଯୋଜନାରେ ଗ୍ରାମକୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। ପ୍ରକଳ୍ପରୁ ୬ ମାସ ପାଣି ଯୋଗାଣ ହୋଇଥିଲା। ପରେ ପାଣି ଛାଡ଼ିବା ବନ୍ଦ କରିଦିଆଯାଇଛି। ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ହେଁ ସୁଫଳ ନ ମିଳିବାରୁ ଜିଲାପାଳଙ୍କ ନିକଟକୁ ଆସିବାକୁ ବାଧ ହୋଇଥିବା କହିଛନ୍ତି। ସେହିପରି ଗ୍ରାମରେ ଗମନା ଗମନର ସୁବିଧା ନ ଥିବାରୁ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଗାଁମୁଣ୍ଡ ଜୁଆଙ୍ଗ ସାହି ରାସ୍ତା ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲେ ହେଁ ଠିକାଦାର କାମ ନିମ୍ନମାନର କରିବା ସହିତ କାମବନ୍ଦ କରି ସମ୍ପୂର୍ଣ୍ଣ ବିଲ ଉଠାଇ ନେଇଛନ୍ତି। ଏହାର ତଦନ୍ତ କରିବା ସହ ବସୁଧା ପ୍ରକଳ୍ପରୁ ପାନୀୟଜଳ ସଂଯୋଗ କରିବାକୁ ରାଜେନ୍ଦ୍ର ଜୁଆଙ୍ଗ, ଅର୍ଜୁନ ଜୁଆଙ୍ଗ, କଖା ଜୁଆଙ୍ଗ, ଗୀତା ଜୁଆଙ୍ଗ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଗରା ଧରି ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

## କଂଗ୍ରେସ ଏମ୍‌ପି ପ୍ରାର୍ଥୀ ବଦଳି ପରେ ପଦାଧିକାରୀଙ୍କ ଇସ୍ତଫାପତ୍ର ପ୍ରତ୍ୟାହାର

କେନ୍ଦୁଝର,୨୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର କଂଗ୍ରେସ ଲୋକସଭା ପ୍ରାର୍ଥୀଭାବେ ଭାରତୀୟ ଜାତୀୟ କଂଗ୍ରେସ ମୋହନ ହେମ୍ବ୍ରମଙ୍କୁ ପ୍ରାର୍ଥୀ କରିଥିଲା। ମାତ୍ର ଜିଲ୍ଲାର ୨ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନାଙ୍କୁ ନ ପଚାରି ଏବଂ ଜିଲ୍ଲାର କର୍ମକର୍ତ୍ତାଙ୍କୁ ଅଣଦେଖା କରି ହେମ୍ବ୍ରମଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସଙ୍କ ସମତେ ଜିଲ୍ଲା କର୍ମକର୍ତ୍ତା, ଛାମୁଆଁ ସଂଗଠନ ସଭାପତି, ବ୍ଲକ୍ ସଭାପତି ନିଜ ନିଜ ପଦବୀରୁ ଇସ୍ତଫା ପତ୍ର ପିସିସି ସଭାପତି ଶରତ ପଟ୍ଟନାୟକ ଓ ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କୁ ଦେଇଥିଲେ। କଂଗ୍ରେସ ହାଇକମାଣ୍ଡ ପ୍ରାର୍ଥିତ୍ୱ ଉପରେ ପୁନଃବିଚାର କରି ମୋହନଙ୍କ ବଦଳରେ ଇଂ. ବିନୋଦ ବିହାରୀ ନାଏକଙ୍କୁ କେନ୍ଦୁଝର ଲୋକସଭା ପ୍ରାର୍ଥୀ କରିଥିଲା। ପରେ ପିସିସି ସଭାପତି ସମସ୍ତଙ୍କୁ ଇସ୍ତଫା ପତ୍ର ପ୍ରତ୍ୟାହାର କରିନେବାକୁ ଅନୁରୋଧ କରିଥିଲେ। ଅନୁରୋଧ କ୍ରମେ ସମସ୍ତ କର୍ମକର୍ତ୍ତା ଇସ୍ତଫାପତ୍ର ପ୍ରତ୍ୟାହାର କରିଥିବା ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ କରିଛନ୍ତି।

## ଉପାନ୍ତରେ ବିଜେଡି ଜିଲା ସଭାପତିଙ୍କ ପ୍ରଚାର

ଯୋଡ଼ା,୨୫।୪(ମାନସ ମହାନ୍ତି)

କେନ୍ଦୁଝର ଜିଲାର ସୀମାନ୍ତର ଶେଷ ଗ୍ରାମ ବାଲାଗୋଡ଼ା ଓ ବୋଲାଣି ପଞ୍ଚାୟତରୁ ବିଜୁ ଜନତା ଦଳର କେନ୍ଦୁଝର ଜିଲା ସଭାପତି କୁଶ ଆପଟ୍ଟ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ନୂତନ କରି ଜିଲା ସଭାପତି ଦାୟିତ୍ୱ ଭାର ପାଇଥିବା ଆପଟ୍ଟ ମଙ୍ଗଳବାର ବୋଲାଣୀ, ବାଲାଗୋଡ଼ାର ବିଭିନ୍ନ ଅଞ୍ଚଳକୁ ଯାଇଥିଲେ। ସେଠାରେ ଉପସ୍ଥିତ କର୍ମୀମାନେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଆୟୋଜିତ ସଭାରେ ଆପଟ୍ଟ ଯୋଗଦେଇ ବୋଲାଣି, ବାଲରଗୋଡ଼ା ପଞ୍ଚାୟତରେ ଚଳିତ ନିର୍ବାଚନରେ କିପରି ଅଧିକ ସଂଖ୍ୟାରେ ବିଜେଡିକୁ ଭୋଟ ମିଳିବ, ସେଥିପାଇଁ କର୍ମୀମାନଙ୍କୁ ପ୍ରତି ଘରକୁ ଘର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ପାଇଁ କହିଥିଲେ। ସମ୍ପୂର୍ଣ୍ଣ ସହଯୋଗ କରି ବିଜେଡି ଦଳକୁ ଚଳିତ ନିର୍ବାଚନରେ ବିଜୟୀ କରିବା ପାଇଁ ଆହ୍ୱାନ କରିଥିଲେ। ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ସମସ୍ତ କର୍ମୀମାନେ ଏକତ୍ରିତ ହୋଇ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ୨ ପଞ୍ଚାୟତର ସରପଞ୍ଚଙ୍କ ସମେତ ଜିଲା ପରିଷଦ ସଦସ୍ୟ ଶଶି ଲୋହାର, ଲମ୍ବୋଧର ପଲେଇ, ଦିଲ୍ଲୀପ ଆପଟ୍ଟ ପ୍ରମୁଖ ଯୁବ ସଂଗଠକ ଉପସ୍ଥିତ ଥିଲେ। ଶତାଧିକ ମହିଳା ସଭାପତି ଆପଟ୍ଟଙ୍କୁ ବନ୍ଦାପନା କରି ଗ୍ରାମକୁ ସ୍ୱାଗତ କରିଥିଲେ।

# ଡାକ୍ତର ଅଭାବ, ସେବା ବାଧାପ୍ରାପ୍ତ

**ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ**

ଚମ୍ପୁଆ,୨୫।୪(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅଭାବ ରହିଛି। ରୋଗୀ ସେବାର ପ୍ରମୁଖତା ଗ୍ରହଣ କରୁଥିବା ଡାକ୍ତରଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ କାରଣରୁ ସେବା ବାଧାପ୍ରାପ୍ତ ହେଉଛି।

୧୯୧୦ରେ ସ୍ଥାପିତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ବର୍ତ୍ତମାନ ୨୧ ଡାକ୍ତରଙ୍କ ସ୍ଥାନରେ ୧୫ ଜଣ ରହିଛନ୍ତି। ସେଥି ମଧ୍ୟରୁ ୨ ଜଣ ଜିଲା ଖଣିଜ ପାଣ୍ଠିରୁ ନିୟୋଜିତ ହୋଇଥିବା ବେଳେ ୧୩ ଜଣ ରୋଗୀ ଦେଖୁଛନ୍ତି। ଚିକିତ୍ସାଳୟ ଏକ ରେଫରାଲ ଚିକିତ୍ସାଳୟ ଭାବେ ପରିଗଣିତ ହୋଇଥିଲେ ମଧ୍ୟ ଡାକ୍ତର ଅଭାବ କାରଣରୁ ଅନେକ ସମୟରେ ରୋଗୀଙ୍କୁ ଜିଲା ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। କିଛି ଦିନ ତଳେ ୫ ଡାକ୍ତରଙ୍କ ବଦଳି ଫଳରେ ପୂର୍ବରୁ ପରିବର୍ତ୍ତନ ହୋଇ ଆସୁଥିବା ଡାକ୍ତର ଅଭାବ କାରଣର ପ୍ରତିଫଳନ ଦେଖିବାକୁ ମିଳିଲାଣି। ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ କହିଛନ୍ତି, ନିକଟ ଅତିତରେ ୫ ଡାକ୍ତରଙ୍କ ବଦଳି ଯୋଗୁ ସେବାରେ ପ୍ରଭାବ ପଡ଼ିଛି। ଜିଲା କାର୍ଯ୍ୟାଳୟକୁ ସୁଚିତ କରିଛୁ। ଖୁବ୍‌ଶୀଘ୍ର ଡାକ୍ତର ପଦବୀ ଗୁଡ଼ିକ ପୁରଣ କରାଯିବ।

# ପାଟଣା ରେଞ୍ଜରେ ବଢୁଛି ବନାଗ୍ନି

ପାଟଣା,୨୫।୪(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ଦିନକୁ ଦିନ ବନାଗ୍ନି ବଢ଼ିବାରେ ଲାଗିଛି। ପ୍ରତିଦିନ ନିଆଁ ଜଙ୍ଗଲକୁ ଜଙ୍ଗଲ ବ୍ୟାପିବାରେ ଲାଗିଛି। ଫଳରେ ବହୁ ମୂଲ୍ୟବାନ୍ ଗଛ ପୋଡ଼ି ନଷ୍ଟ ହେଉଛି। ବନ ବିଭାଗ ପକ୍ଷରୁ ନିଆଁ ଲିଭାଇବା ପାଇଁ ସେଭଳି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଗତ ମଙ୍ଗଳବାର ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ହାତିବାରୀ ଏବଂ ୪୯ ନମ୍ବର ଜାତୀୟ ରାଜପଥର ଚେମେଣା ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗି ବହୁ ମୂଲ୍ୟବାନ୍ ଗଛ ପୋଡ଼ି ନଷ୍ଟ ହୋଇଯାଇଛି। ଏ ନେଇ ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିଭଳି ଅପରାହ୍ନରେ ୪୯ ନମ୍ବର ଜାତୀୟ ରାଜପଥ ଚେମେଣା ରାସ୍ତାକଡ଼ ପେଟ୍ରୋଲ ପମ୍ପ ପାଖରେ ଥିବା ଗ୍ରାମ୍ୟ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ଅନେକ ଗଛ ନଷ୍ଟ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପଟେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା ପାଇଁ ବନ ବିଭାଗ ତରଫରୁ ରାଜକୋଷରୁ ଅଜସ୍ର ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର ବନ ବିଭାଗ ନିଆଁ ଲିଭାଇବା ପାଇଁ ପଦକ୍ଷେପ ନ ନେବା ଓ ସଚେତନ ନ କରିବାକୁ ନେଇ ପରିବେଶବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ସ୍ଥାନୀୟ ଲୋକେ ନିଆଁ ଲାଗିବା ପରେ ବନ କର୍ମଚାରୀଙ୍କୁ ଖବର ଦେଉଥିଲେ ହେଁ ବନ କର୍ମଚାରୀ ନିଆଁ ଲିଭାଇବାକୁ ଆସୁ ନ ଥିବା ଅଭିଯୋଗ ହେଉଛି। ଗୁରୁବାର ମଧ୍ୟ ଝାଟିପଡା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ନିଆଁକୁ ପାଟଣା ଅଗ୍ନିଶମ ବାହିନୀ ଆୟତ କରିଛି। ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କୁ ପଚାରିବାରୁ ଏହା ମନୁଷ୍ୟ କୃତ। ଖବର ପାଇଲେ ବନ ବିଭାଗ କର୍ମଚାରୀ ଯାଇ ବିଭିନ୍ନ ସ୍ଥାନରୁ ଅଗ୍ନି ଲିଭାଉଛନ୍ତି। ହେଉଥିବା ଅଭିଯୋଗ ଭିତ୍ତିହୀନ।

# ଅନନ୍ତ, ଆଲୋକଙ୍କ ଶକ୍ତି ପ୍ରଦର୍ଶନ

ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ)/ (ହାଟଡ଼ିହୀ(ପାର୍ଥ ସୌରଭ ସା)/ ହାଟଡିହୀ,(ଶୁଭକାନ୍ତ ନାୟକ)/ସୋସୋ(ସତ୍ୟବ୍ରତ ଜେନା),୨୫।୪

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଭାଜପାର କେନ୍ଦୁଝର ଲୋକସଭା ପ୍ରାର୍ଥୀ ଅନନ୍ତ ନାୟକ ଓ ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ରୋଡ଼ ସୋ ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଗୁରୁବାର ସକାଳେ ୩୬ ନମ୍ବର ଜୋନର ତରତରା ଛକରୁ ବାହାରି ଦଧିବାମନପୁର, ଅକରୁଆ, ଭାତକରୁଆ, ଞ୍ଚୋ, ଶିବନାରାୟଣପୁର, ପଞ୍ଚୁଗୋଛିଆ, ମୁଗୁପୁର, ସୁଲଣ, ଜଳସରପୁର, ଆବୁଲପୁରା, ବିରିଡି, ଅଣତିରା, ଆମ୍ବୋ, ଲାଇଛଣପୁର, କରଗୋଳା, ତେଲସିଙ୍ଗା, ଗିରିଗାଁ, ସଂଖୋ, ଟୁକୁଣା, ରମ୍ଭାସ, ଇଞ୍ଚୋଳ, ଖେଡୁଆଳି, ଓରାଳି, କରଞ୍ଜପଦି, ଜାମିତିରା, ଅଂରା, ବେଲବନ୍ଧ ଗ୍ରାମ ସବୁ ପରିକ୍ରମା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଶୋଭାଯାତ୍ରାରେ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଶଶିକାନ୍ତ ରାଉତ, ହରମୋହନ ଶାସିନ, ଟୁକୁନା ମହାନ୍ତ, ତପନ ପାତ୍ର, ବଳଭଦ୍ର ବାରିକ, ଯୁଧିଷ୍ଠିର ମଲ୍ଲିକ, ଶାନ୍ତନୁ ଖୁଣ୍ଟିଆ, ଦେବାଶିଷ ସେନାପତି, ଦୀପ୍ତିମୟୀ ଖୁଣ୍ଟିଆ, ମିନତୀ ମହାପାତ୍ର, ଅବିନାଶ ଜେନା, ସୁରେନ୍ଦ୍ର ବିଶ୍ୱାଳ, ଧନେଶ୍ୱର ରାଉତ, ଅଶୋକ ଯେନା, ରୁଦ୍ରପ୍ରସାଦ ଜେନା, କୃଷ୍ଣଚନ୍ଦ୍ର ରାଉତ, ଅଜୟ ଜେନା, ସୁରେନ୍ଦ୍ର ସାହୁ, କାଳନ୍ଦୀ ବେହେରା, ଉମାକାନ୍ତ ରାଉତ, ସଚିନ ନାୟକ, ଉମାକାନ୍ତ ଯେନାଙ୍କ ସମେତ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ।

# ଅତିରିକ୍ତ ଜିଲାପାଳଙ୍କ ଚିଠିକୁ ନେଇ ବିବାଦ

କେନ୍ଦୁଝର,୨୫।୪(ଦୀପକ ମିଶ୍ର)

**ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ**

କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନକୁ ନେଇ ଦିନ ଗଡ଼ିବା ସହ ବିବାଦ ମଧ୍ୟ ବଢୁଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ବେଳେ ଏବେ ଅତିରିକ୍ତ ଜିଲାପାଳଙ୍କ ଚିଠିକୁ ନେଇ ଜିଲା ଟ୍ରକ୍ ମାଲିକ ସଂଘ ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ହାଇକୋର୍ଟ ଓଡ଼ିଶା ଇନ୍ସପେକ୍ଟର ଜେନେରାଲ ରେଜିଷ୍ଟ୍ରେଶନକୁ ୨୦୨୩ ସେପ୍ଟେମ୍ବର ୧୫ରେ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସରକାରଙ୍କ ପକ୍ଷରୁ ହୋଇଥିବା ଅପିଲ ସୁପ୍ରିମକୋର୍ଟରେ ଖାରଜ ହୋଇଥିଲା। ପରେ ଇନ୍ସପେକ୍ଟର ଜେନେରାଲ, ରେଜିଷ୍ଟ୍ରେସନ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଥିଲେ। କେନ୍ଦୁଝର ଜିଲାର ଅତିରିକ୍ତ ଜିଲାପାଳଙ୍କୁ ସଂଘର ସଦସ୍ୟ ଯାଞ୍ଚ ଓ ଅଭିଯୋଗ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଆଧାରରେ ଅତିରିକ୍ତ ଜିଲାପାଳ ସଂଘର ସଭାପତି ଓ ସମ୍ପାଦକଙ୍କୁ ଗତ ୨୨ ତାରିଖରେ ଚିଠି (ନଂ. ୧୨୭୨)ଲେଖିଛନ୍ତି। ମାତ୍ର ହାଇକୋର୍ଟ ୨୩୧୯ ରିଟ୍ ଦରଖାସ୍ତକୁ ଭିତ୍ତି କରି ଏକ ନିର୍ଦ୍ଦେଶନାମାରେ କର୍ମକର୍ତ୍ତାମାନେ ସଂଘରେ କାର୍ଯ୍ୟ ସମ୍ପାଦନ କରିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଥିଲା। ସଂଘକୁ ସେମାନେ ଆଉ କୌଣସି କ୍ଷେତ୍ରରେ ପ୍ରତିନିଧିତ୍ୱ କରିପାରିବେ ନାହିଁ ବୋଲି ମଧ୍ୟ ଉଲ୍ଲେଖ ଥିଲା। ତେଣୁ ଅତିରିକ୍ତ ଜିଲାପାଳ ସଭ୍ୟମାନଙ୍କ ଅଭିଯୋଗ ଶୁଣାଣି ପାଇଁ ସଂଘର ସଭାପତି ଓ ସମ୍ପାଦକଙ୍କୁ ଚିଠି ଲେଖିବା ଆଇନ ସମ୍ମତ ନୁହେଁ ବୋଲି ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ କହିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ବୋଲି ଟ୍ରକ୍ ମାଲିକ ଆଏସକାନ୍ତ ପଟ୍ଟନାୟକ କହିଛନ୍ତି। ଅତିରିକ୍ତ ଜିଲାପାଳ ଲଳିତ ସୋରେଙ୍ଗ କହିଛନ୍ତି, ଉଭୟ କର୍ମକର୍ତ୍ତା ଶୁଣାଣି ଦିନ ଉପସ୍ଥିତ ରହିବେ ନାହିଁ ଓ ଏହା ଏକ ସୂଚନା ମାତ୍ର। ସଂଘର କାର୍ଯ୍ୟାଳୟକୁ ଖୁବଶୀଘ୍ର ଆଉ ଏକ ଚିଠି କରାଯିବ। ସଂଘର ପୂର୍ବତନ କର୍ମକର୍ତ୍ତାଙ୍କୁ ସେପରି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ପ୍ରଶାସନ ସେମାନଙ୍କୁ ପୂର୍ବତନ ବିବେଚନା କରୁଥିବା ସେ କହିଛନ୍ତି।

# କୁଶେଇ ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ

## ବାରମ୍ବାର ଅଭିଯୋଗ ପରେ ବି ମରାମତି ହେଉନି



ରାମଚନ୍ଦ୍ରପୁର,୨୫।୪(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଏନ୍‌ଏଚ୍ ୨୦ ବେଲବାହାଳି ପଞ୍ଚାୟତର ସିଆପଡ଼ା ଛକଠାରୁ ଜଳସୁଆଁ ନୟାଗଡ଼ କୁଶେଇ ନଦୀ ବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ନେଇ ବାରମ୍ବାର ଅଭିଯୋଗ ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବି ଉଚ୍ଚ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ବର୍ଷାଋତୁ ପୂର୍ବରୁ ରାସ୍ତା ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ରାସ୍ତା ଆନନ୍ଦପୁର ଆର୍‌ଡି ବିଭାଗ ଅଧୀନରେ ରହିଛି। ରାସ୍ତା ଦେଇ ସିଆପଡ଼ା, ଜଳସୁଆଁ, ନୟାଗଡ଼, ପରମାନନ୍ଦପୁର, ବାତୋ, ଅଞ୍ଜିରା, ମଧୁକେଶରୀ, ଅତା, ଶାଳଦେଇ ସମେତ ଆହୁରି ୧୦ଟି ଗ୍ରାମରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ଯାତାୟାତ କରୁଛନ୍ତି। ଅନେକ ସ୍ଥାନରେ ପିଚୁ, ମେଟାଲ ଉଠିଯାଇଛି। ବଡ଼ ବଡ଼ ଖାଲ ହୋଇଯାଇଥିବାରୁ ଅସରାଏ ବର୍ଷାରେ ଆଣ୍ଠୁଏ ଲେଖାଏ ପାଣି ଜମି ରାସ୍ତା ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟିବା ସହ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏଥିସହ ନଦୀ କୂଳେ ଯାଇଥିବା ଏହି କଂକ୍ରିଟ ଓ ପିଚୁରାସ୍ତା ଗତ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଫାଟି ନଷ୍ଟ ହୋଇଯାଇଛି। ଏହାର ମରାମତି ପାଇଁ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଥିଲେ ମଧ୍ୟ କୌଣସି ଫଳ ମିଳିପାରୁନାହିଁ। ସମସ୍ୟା ବିଷୟରେ ଜଳସୁଆଁ ସରପଞ୍ଚ ପ୍ରଶାନ୍ତି ମାଝି ଓ ବେଲବାହାଳି ସରପଞ୍ଚ ଦୀପ୍ତି ସାହୁ ପୂର୍ବରୁ ଥିବା ଉପଜିଲାପାଳ ଚିତ୍ତରଞ୍ଜନ ମହାନ୍ତଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଲୋକେ ନାହିଁ ନ ଥିବା ସମସ୍ୟାରେ ଘାଣ୍ଟି ହେଉଛନ୍ତି। ଏ ବିଷୟରେ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶରତ କୁମାର ରାଉତ କହିଛନ୍ତି, ଠିକାଦାର ସଞ୍ଜୟ ମିଶ୍ରଙ୍କୁ ସେ ପଚାରିଥିଲେ, ୩ ଦିନ ମଧ୍ୟରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବେ ବୋଲି କହିଥିବା କହିଥିଲେ।

# ଗୋ ଚାଲାଣ ରୋକିବାକୁ ଦାବିପତ୍ର

ବାଙ୍ଗିରିପୋଷି,୨୫।୪ (ସଞ୍ଜୟ କୁମାର ଅଗ୍ରୱାଲା)

ବାଙ୍ଗିରିପୋଷି ବ୍ଲକ ଅଧୀନ ୪୯ନଂ. ଜାତୀୟ ରାଜପଥରେ ପିକ୍‌ଅପ୍ ଭ୍ୟାନ୍ ଏବଂ ଟ୍ରକ୍ ଦ୍ୱାରା ଶତାଧିକ ଗୋ ଚାଲାଣ ହେଉଥିବା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଉପଖଣ୍ଡ କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଏଥିରେ ରୋକ୍ ଲଗାଇବା ସହ ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଙ୍ଗିରିପୋଷି ଥାନାରେ ଦାବି ପତ୍ର ପ୍ରଦାନ କରିଛନ୍ତି। ଯଦି ଗୋ ଚାଲାଣକାରୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଉଭୟ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।




ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର,୨୫।୪(ମାନସ ବିଶ୍ୱାଳ)- ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦୦୦ ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ବାଲେଶ୍ୱର ଜିଲା ଗୋପାଳପୁର ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବିଷ୍ଣୁପୁର ଗ୍ରାମର ତନୟ ଧୁପାଳ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ଗର୍ଭବତୀ ହେବାର ଲକ୍ଷଣ ଦେଖିବା ପରେ ଘରଲୋକ ତାଙ୍କୁ ପଚାରିଥିଲେ। ଅଭିଯୁକ୍ତ ନାବାଳିକାଙ୍କ ଧମକ ଦେଇଥିବାରୁ ସେ କିଛି କହି ନ ଥିଲେ। ପରେ ସମସ୍ତ ଘଟଣା ଜଣାପଡିବା ପରେ ପରିବାର ଲୋକେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୩୩/୨୩) ରୁଜୁ ହୋଇଥିଲା। ପରେ ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମାମଲା ବିଚାରାଧୀନ ଥିଲା। ୧୩ ଜଣ ସାକ୍ଷୀ ଓ ୧୮ ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

### ‘ଦୀନକୃଷ୍ଣଙ୍କ ନାମରେ ହେଉ ଜଳେଶ୍ୱର-ପୁରୀ ମେମୋ’

#### ରାଜ୍ୟସ୍ତରୀୟ ଜୟନ୍ତୀରେ ପ୍ରସ୍ତାବ ଆଗତ

ଜଳେଶ୍ୱର, ୨୫।୪(ରବିନାରାୟଣ ପାତ୍ର/ନବୀନ ସାହୁ): ଚଳିତବର୍ଷ ନିର୍ବାଚନ କଟକଣା ଯୋଗୁ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଗାଁ ମୁଣୁତୁଣିଆରେ ପ୍ରତିବର୍ଷ ପରି ଆଡମ୍ବରପୂର୍ଣ୍ଣ ଜୟନ୍ତୀ ପାଳିତ ହୋଇପାରି ନ ଥିବା ବେଳେ ବୁଧବାର କବିଙ୍କ ଜନ୍ମପୀଠ ‘କବୀଡିହ’ଠାରେ ପାଳିତ ହୋଇଛି । ଏହି ଅବସରରେ ଦୀନକୃଷ୍ଣ ସ୍ମୃତିପରିଷଦର ପ୍ରତିଷ୍ଠାତା ସମ୍ପାଦକ ତଥା ପରିଷଦର ପ୍ରାଣପ୍ରତିଷ୍ଠାତା ବିପିନ ବିହାରୀ ବିଶ୍ୱାଳଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। କବିଙ୍କ ଲିଖିତ ରସକବିନୋଦ, ଆର୍ତ୍ତତ୍ରାଣ ଚୌତିଶା, ଜଗମୋହନ ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ । ରୁଦ୍ରକାନ୍ତ ଘୋଷ, ବିଣାଭାରତୀ ଘୋଷ ଦୀନକୃଷ୍ଣଙ୍କ ସମ୍ପର୍କରେ କବିତା ଗାନ କରିଥିବା ବେଳେ ଉପସଭାପତି ଡ. ଅଜିତ୍ କୁମାର ମହାନ୍ତି ଦୀନକୃଷ୍ଣଙ୍କର ସୃଷ୍ଟ ଲେଖା ଓ ଈଶ୍ୱରଭକ୍ତି ସମ୍ପର୍କରେ କହିଥିଲେ । ଜଳେଶ୍ୱରରୁ ପୁରୀ ଚଳାଚଳ କରୁଥିବା ମେମୋ ଟ୍ରେନ୍‌ର ନାମ ଦୀନକୃଷ୍ଣଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ପ୍ରାକ୍ତନ ସିଇଓ ଶରତଚନ୍ଦ୍ର ପରିଡା, ଅଧ୍ୟାପିକା ଇନ୍ଦୁମତୀ ଗିରି, ଅଧ୍ୟାପକ ଅନନ୍ତ ଦାସ, କବି ସୁଶୀଲ ମାହାନା, କବି ରଞ୍ଜନ ଘୋଷ, ଜଗଦୀଶ ଚନ୍ଦ୍ର ସାହୁ, ସୁଶାନ୍ତ ଘୋଷ, ଯୁବନେତା ବିପ୍ଳବ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି କବିପୀଠର ବିକାଶ ସମ୍ପର୍କରେ କହିଥିଲେ।

# ସରକାରୀ ଜାଗାରୁ ଗଛକଟା, ଜବତ କଲେ ଆରଆଇ

ଭୋଗରାଇ,୨୫।୪(ପ୍ରଦୀପ ଦାସ)

ସରକାରୀ ଜମିରୁ ବିନା ଅନୁମତିରେ ବେଆଇନ ଭାବେ ଲକ୍ଷାଧିକ ଟଙ୍କା ମୂଲ୍ୟର ମୂଲ୍ୟବାନ ଗଛ କାଟି ନେଉଥିବା ବେଳେ ଗୁରୁବାର ସକାଳେ ଖବରପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ (ଆରଆଇ) ଘଟଣାସ୍ଥଳରେ ପହଞ୍ଚି ଗଛ କଟାକୁ ବନ୍ଦ କରିଥିଲେ। ଉକ୍ତ ଗଛ ସହ କାଠ ଜବତ କରି ସେହି ଗାଁର ଜଣେ ଯୁବକଙ୍କ ଜିମା ଦେଇଥିଲେ। ମାତ୍ର ଅପରାହ୍ନରେ ଗଛ କାଟୁଥିବା ବ୍ୟକ୍ତି ଜବରଦସ୍ତ ଗଛ କାଟିଥିଲେ। ରାଜସ୍ୱ ନିରୀକ୍ଷକ ଦ୍ୱିତୀୟ ଥର ଘଟଣାସ୍ଥଳରେ ପହଞ୍ଚି ଗଛ କାଟିବା କାର୍ଯ୍ୟ ବନ୍ଦ କରିବା ସହିତ ଜବତ ଗଛ ଓ କାଠ ଜିମାରେ ନେଇଥିବା ଯୁବକଙ୍କୁ ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ କହିଛନ୍ତି।

ଭୋଗରାଇ ଥାନା ମନ୍ଦାରସାହି ପଞ୍ଚାୟତ ଅଧୀନ ଉତ୍ତର ମନ୍ଦାରସାହି ୯ ନଂ. ୱାର୍ଡରେ ଥିବା ସର୍ବସାଧାରଣ ଖାତା ନଂ. ୯୩ ସ୍ଥିତ ଖସଡ଼ା ନଂ. ୧୩୬୩ ସରକାରୀ ରାସ୍ତା କିସମ ଜମିକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘବର୍ଷ ହେଲା ବେଆଇନ ଭାବେ ଅବରୋଧ କରି ନିଜ ଦଖଲରେ ରଖିଥିବା ଅଭିଯୋଗ ହୋଇଛି। ସେହି ରାସ୍ତା କିସମ ଜମିରେ ଥିବା ବଡ ବଡ ୪ଟି ଆକାଶିଆ ଗଛ ସମେତ ଗୋଟିଏ ଝାଉଁ ଓ ଗୋଟିଏ ଆମ୍ବ ଗଛକୁ ବିନା ଅନୁମତିରେ କାଟୁଥିବା ଖବର ପାଇ ଦେଉଳା ରାଜସ୍ୱ ନିରୀକ୍ଷକ ମନୋଜ କୁମାର ସେଠୀ ଗୁରୁବାର ସକାଳ ସାଢେ ୭ଟାରେ ପହଞ୍ଚି ସରକାରୀ ଜମିକୁ ଚିହ୍ନଟ କରିବା ସହିତ ସେଥିରେ ଥିବା ଗଛ କାଟିବା କାର୍ଯ୍ୟ ବନ୍ଦ କରିଥିଲେ। ଏହାସହିତ କଟା ହୋଇଥିବା ୨ଟି ଆକାଶିଆ ଗଛର କାଠ ସମେତ ଝାଉଁ ଓ ଆମ୍ବ ଗଛକୁ ଜବତ କରି ସେହି ଗାଁର ଜଣେ ଯୁବକଙ୍କ ଜିମାରେ ରଖିଥିଲେ। ତେବେ ଅପରାହ୍ନରେ ଗଛ କଟୁଥିବା ବ୍ୟକ୍ତିଜଣକ ଆରଆଇଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରି ପୁଣି ଦୁଇଟି ଆକାଶିଆ ଗଛ କାଟିଥିଲେ। ଗଛ ଓ କାଠ ଜିମାରେ ନେଇଥିବା ଯୁବକ ଆରଆଇ ସେଠୀଙ୍କୁ ଖବର ଦେବାରୁ ସେ ପୁଣି ପହଞ୍ଚି ଗଛ କାଟିବା କାର୍ଯ୍ୟ ବନ୍ଦ କରିବା ସହିତ ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଭୋଗରାଇ ତହସିଲଦାରଙ୍କୁ ଅବଗତ କରାଇବେ ବୋଲି ଆରଆଇ ସେଠୀ ସୂଚନା ଦେଇଛନ୍ତି।

# ଟିପିଏନଓଡିଏଲ ପକ୍ଷରୁ ଏପିଏସସିସି ଲୋକାର୍ପିତ



ଟିପିଏନଓଡ଼ିଏଲ ପକ୍ଷରୁ ଏପିଏସସିସି ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥି।

ବାଲେଶ୍ୱର,୨୫।୪(ମାନସ ବିଶ୍ୱାଳ)

ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦ୍ଧନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ କେନ୍ଦୁଝରରେ ଆଞ୍ଚଳିକ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି)ର ଲୋକାର୍ପଣ ଗୁରୁବାର କରାଯାଇଛି। ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଟିପିଏନଓଡ଼ିଏଲ ସିଇଓ ଦ୍ୱିଜଦାସ ବସକ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରି କହିଥିଲେ ଯେ, ଆଧୁନିକ କ୍ଷମତାସମ୍ପନ୍ନ କଣ୍ଟ୍ରୋଲ ରୁମ ଟିପିଏନଓଡ଼ିଏଲ କେନ୍ଦୁଝର ସର୍କଲ ଅଧୀନ ସମସ୍ତ ଗ୍ରୀଡଗୁଡ଼ିକ ଉପରେ ନଜର ରଖିବା ସହ ଉପଭୋକ୍ତାଙ୍କୁ ନିରବିଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବାରେ ଅଧିକ ସକ୍ଷମ ହେବ। ନିୟନ୍ତ୍ରଣ ପ୍ରକ୍ରିୟା ମଧ୍ୟ ଆହୁରି ସହଜ ହେବ। ସେ କହିଥିଲେ ଯେ, ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଏବେ ଆଧୁନିକୀକରଣ କରାଯାଉଛି। ଏହି ଏପିଏସସିସି ଦ୍ୱାରା ବୈଷୟିକ ତ୍ରୁଟି ସଜାଡିବା ପ୍ରକ୍ରିୟା ସହଜ ହେବା ସହ ସମସ୍ୟାକୁ ତ୍ୱରିତ ସମାଧାନ କରାଯାଇପାରିବ। ଏଥିସହ ୧୧ କେଭିଏ ଓ ୩୩ କେଭିଏ ଗ୍ରୀଡରେ ଲାଗିଥିବା ଟ୍ରାନ୍ସଫର୍ମରଗୁଡ଼ିକର ବୈଷୟିକ ତ୍ରୁଟିଗୁଡିକରେ ମଧ୍ୟ ଆଗୁଆ ସୁଧାର ଅଣାଯାଇପାରିବ। ଯଦିଓ କଣ୍ଟ୍ରୋଲ ପିଏସସିସି ବାଲେଶ୍ୱରରେ ରହିଛି, ତଥାପି କେନ୍ଦୁଝର ବୈଦ୍ୟୁତିକ କ୍ଷେତ୍ରର ସମସ୍ତ ଗ୍ରୀଡଗୁଡ଼ିକୁ ଆଞ୍ଚଳିକ ସ୍ତରରେ ଅନଲାଇନ ମାଧ୍ୟମରେ ଏଠାରୁ ନିୟନ୍ତ୍ରଣ କରାଯିବ। ଗ୍ରୀଡ ସଟ୍‌ଡାଉନ ଓ ଚାର୍ଜ ପାଇଁ କର୍ମଚାରୀଙ୍କୁ ମାନୁଆଲ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ନାହିଁ ବୋଲି ବସକ ସୂଚନା ଦେଇଥିଲେ।

# ବିଷ୍ଣୁପୁର ସରପଞ୍ଚ ଅଯୋଗ୍ୟ ଘୋଷିତ

## ଦାୟିତ୍ୱ ନେଲେ ନାଏବ ସରପଞ୍ଚ

ବାଲିଆପାଳ, ୨୫।୪(ଗୋପାଳ ଚନ୍ଦ୍ର ସାହୁ)-ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚ ମହେଶ୍ୱର ଜେନାଙ୍କୁ ସିଭିଲ କୋର୍ଟ ଅଯୋଗ୍ୟ ଘୋଷଣା କରିବା ପରେ ରାଜନୈତିକ ସ୍ଥିତି ଏବେ ସରଗରମ ହୋଇଉଠିଛି। ଗୁରୁବାର ପୂର୍ବାହ୍ନରେ ବାଲିଆପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଚିଠି ନଂ. ୫୪୯/ଜିପି ୨୦୨୪ରେ ବିଷ୍ଣୁପୁର ପଞ୍ଚାୟତର ନାଏବ ସରପଞ୍ଚ ବୃନ୍ଦାବତୀ ଜେନାଙ୍କୁ ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ତୁଲାଇବା ପାଇଁ ଚିଠି କରିବା ପରେ ତାଙ୍କର ସମର୍ଥକଙ୍କ ମଧ୍ୟରେ ଆନନ୍ଦ ଦେଖାଦେଇଛି। ଏହି ଅବସରରେ ସମର୍ଥକମାନେ ବାଲିଆପାଳ ବ୍ଲକ ପରିସରରେ ବୃନ୍ଦାବତୀଙ୍କୁ ଫୁଲ ମାଳ ପିନ୍ଧାଇବା ସହ ଜାମକୁଣ୍ଡା ଛକ ସ୍ଥିତ ବିଜେଡି କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା କରି ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ମହେଶ୍ୱର ଜେନାଙ୍କୁ ଯୋଗାଯୋଗ କରିବାରୁ ସେ ଏହି ରାୟ ବିରୋଧରେ ଉପର କୋର୍ଟରେ ଆଶ୍ରୟ ନେବେ ବୋଲି କହିଛନ୍ତି । ସୂଚନାଥାଉ କି, ବାଲେଶ୍ୱର ସିଭିଲ ଜଜ୍ କୋର୍ଟ ଗତ ୨୦ତାରିଖରେ କେସ୍ ନଂ.୩/୨୦୨୨ର ବିଚାର କରିଅଯୋଗ୍ୟ ଘୋଷଣା କରିଛନ୍ତି।

# ଟ୍ରାକ୍ଟର ଧକ୍କାରେ ଶିଶୁକନ୍ୟା ମୃତ, ଗାଁରେ ଉତ୍ତେଜନା

ରୂପସା, ୨୫।୪(ବାଞ୍ଛାନିଧି ଦେ)

ରାସ୍ତା ପାର୍ଶ୍ୱରେ ଶିଶୁକନ୍ୟାକୁ ଧରି ମା’ ଛିଡା ହୋଇଥିବା ବେଳେ ଏକ ଟ୍ରାକ୍ଟର ଧକ୍କା ଦେବାରୁ ଘଟଣାସ୍ଥଳରେ ଶିଶୁକନ୍ୟାର ମୃତ୍ୟୁ ହୋଇଛି। ମା’ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ସିଂଲା ଥାନା ଶାସନ ଗ୍ରାମରେ।

ସିଂଲା ଥାନା ପଣସା ଗ୍ରାମର ରଶ୍ମିତା ମାହାର ଶାସନ ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ଗୁରୁବାର ଅପରାହ୍ନରେ ନିଜର ଦେଢବର୍ଷର ଶିଶୁକନ୍ୟାଙ୍କୁ ଧରି ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିଲେ। ହଠାତ ଏକ ନମ୍ବର ବିହୀନ ଟ୍ରାକ୍ଟର ଦ୍ରୁତଗତିରେ ଆସି ଉଭୟ ମା’, ଝିଅଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଝିଅ ପୂଜାଙ୍କ ମୃତ୍ୟୁ ହୋଇଥିବା ବେଳେ ରଶ୍ମିତା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ରଶ୍ମିତାଙ୍କୁ ଗୁରୁତର ଅବସ୍ଥାରେ



ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅପରପକ୍ଷରେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବି କରି ଟ୍ରାକ୍ଟର ଓ ଟ୍ରାକ୍ଟର ଚାଳକଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ସିଂଲା ଓ ବସ୍ତା ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ତେବେ ଗ୍ରାମାଞ୍ଚଳରେ ବେପରୁଆ ଓ ଦ୍ରୁତଗତିରେ ଟ୍ରାକ୍ଟର ଚାଳନା ଯୋଗୁ ବିଭିନ୍ନ ସମୟରେ ଧନଜୀବନ ହାନି ହେଉଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସମସ୍ତଙ୍କୁ ଚକିତ କରିଛି।

# ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଜିଏସ୍‌ଟି ଚଢାଉ

ବାହାନଗା, ୨୫।୪(ଅରୂପ କୁମାର ଦାସ)-ବାଲେଶ୍ୱର ଜିଲା ବାହାନଗା ବ୍ଲକର ଗୋପାଳପୁରଠାରେ ଥିବା ପ୍ରତିଷ୍ଠିତ ବ୍ୟବସାୟୀ ସୁଦର୍ଶନ ଦାସଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢାଉ ହୋଇଛି। ଗୋପାଳପୁର ବଜାରରେ ଦୀର୍ଘବର୍ଷ ଧରି ଲୁଗା ଦୋକାନ, ରଡ, ସିମେଣ୍ଟ ବ୍ୟବସାୟ କରିଆସୁଥିଲେ। ଜିଏସ୍‌ଟି ଫାଙ୍କୁଥିବା ଅଭିଯୋଗ ହେବାରୁ ଗୁରୁବାର ଜିଏସ୍‌ଟି ବିଭାଗ ତରଫରୁ ଦୀର୍ଘ ୫ ଘଣ୍ଟା ଧରି ୬ଜଣ ଅଧିକାରୀଙ୍କ ଚଢାଉ ହୋଇଥିଲା। ଏହି ଚଢାଉ ରଡ଼ , ସିମେଣ୍ଟ ଦୋକାନ, ଗୋଦାମ ଘର, ଲୁଗା ଦୋକାନ ସମେତ ୪ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିଲା। ଚଢାଉରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଏହି ଚଢାଉ ପରେ ଗୋପାଳପୁର ବଜାରରେ ଜିଏସ୍‌ଟି ଫାଙ୍କୁଥିବା ଅନ୍ୟ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି।

# ଘର ଘର ବୁଲି ଗ୍ୟାରେଣ୍ଟି ବିଷୟରେ ବୁଝାଇଲେ



ସାରୁଗାଁ ପଞ୍ଚାୟତରେ ପ୍ରଚାରରେ ବ୍ୟସ୍ତ ହିମାଂଶୁ।

## ସାରୁଗାଁରେ କଂଗ୍ରେସର ନିର୍ବାଚନୀ ପ୍ରଚାର

ଖଇରା, ୨୫।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଅନ୍ୟ ଦଳମାନଙ୍କଠାରୁ ଆଗରେ ରହିଛି। ପ୍ରବଳ ଖରାକୁ ଖାତିର ନ କରି ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ସମର୍ଥକଙ୍କ ସହ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଭୋଟରଙ୍କୁ କଂଗ୍ରେସ ଗ୍ୟାରେଣ୍ଟି ବିଷୟରେ ଅବଗତ କରାଉଥିବା ଦେଖିବାକୁ ମିଳିଛି। ଗୁରୁବାର ସାରୁଗାଁ ପଞ୍ଚାୟତ ତିଳଦା ଗ୍ରାମରେ ଘରକୁ ଘର ବୁଲି କଂଗ୍ରେସର ସ୍ଲୋଗାନ ଉନ୍ନତି, ନ୍ୟାୟ ଓ ଅଧିକାର ଉପରେ ବୁଝାଇଥିଲେ । କଂଗ୍ରେସ କ୍ଷମତାକୁ ଆସିଲେ ଭତ୍ତା, ଧାନର ସହାୟକ ମୂଲ୍ୟ ବୃଦ୍ଧି, ନୂଆ ନିଯୁକ୍ତି ସୃଷ୍ଟି ଭଳି ଗ୍ୟାରେଣ୍ଟି ସମ୍ପର୍କରେ ଅନ୍ୟତମ ନେତୃବୃନ୍ଦ ନିରଞ୍ଜନ ପରିଡା, ପ୍ରଫୁଲ୍ଲ କୁମାର ସାହୁ, ତପନ ଦାସ, ବାବୁଲି ଜେନା, ବିଶ୍ୱଜିତ ରାଉଳ ପ୍ରମୁଖ ସଚେତନ କରାଇଥିଲେ। ଭୋଟରମାନେ ମଧ୍ୟ ତାଙ୍କୁ ଅକୁଣ୍ଠ ସମର୍ଥନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ କଂଗ୍ରେସ ନେତା ଜଗବନ୍ଧୁ ନାୟକ, ରତ୍ନାକର ଦାସ, ଅଲେକ ଓଝା, ସତ୍ୟାନନ୍ଦ ଓଝା ଓ ଅନାଦି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ମିଶ୍ରଣ ଆଳରେ ୨ ଆଶାୟୀଙ୍କ ଶକ୍ତି ପ୍ରଦର୍ଶନ

ନୀଳଗିରି, ୨୫।୪(ପ୍ରଶାନ୍ତ କୁମାର ବିଶ୍ୱାଳ)

ନୀଳଗିରି ନିର୍ବାଚନମଣ୍ଡଳୀରେ ବିଜେଡ଼ିର ଦୁଇ ଆଶାୟୀ ପ୍ରାର୍ଥୀ ଗୋଟିଏ ଦିନରେ ମିଶ୍ରଣ ପର୍ବ ନାମରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଦଳ ଏଠାରେ ଅଦ୍ୟାବଧି ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଆଶାୟୀ ଏବଂ ସେମାନଙ୍କ ସମର୍ଥକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଛି। ନୀଳଗିରି ବିଧାନସଭା କ୍ଷେତ୍ରରେ ବିଧାୟକ ଇଂ. ସୁକାନ୍ତ ନାୟକ ଶଙ୍ଖଭବନରେ ଯୋଗଦେବା ପରଠାରୁ ସୁକାନ୍ତ ବିଜେଡ଼ି, ସନ୍ତୋଷ ବିଜେଡ଼ି ମଧ୍ୟରେ ନୀଳଗିରି ରାଜନୈତିକ କ୍ଷେତ୍ରରେ ବଳକଷା ଆରମ୍ଭ ହୋଇଛି। ବିଧାୟକ ସୁକାନ୍ତ କୁମାର ନାୟକ ନିଜ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏହି ସମ୍ମିଳନୀରେ ୭୪ଜଣ ଲୋକପ୍ରତିନିଧି ବିଧାୟକ ସୁକାନ୍ତ ନାୟକଙ୍କୁ ନିଜର ସମର୍ଥନ ଜଣାଇଥିଲେ। ଏଥିରେ ପୂର୍ବତନ ସରପଞ୍ଚ , ସମିତିସଭ୍ୟ, ନାୟବ ସରପଞ୍ଚ, ସରପଞ୍ଚ ପ୍ରାର୍ଥୀ, ସମିତିସଭ୍ୟ ପ୍ରାର୍ଥୀ, ଲ୍ୟାମ୍ପସ ଡାଇରେକ୍ଟର, ପାଣିପଞ୍ଚାୟତ ସଭ୍ୟ, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ବିଭିନ୍ନ ପଞ୍ଚାୟତର ପୂର୍ବତନ ୱାର୍ଡ ସଭ୍ୟା/ସଭ୍ୟ ପ୍ରମୁଖ ସାମିଲ ହୋଇଥିଲେ। ବିଧାୟକ ସୁକାନ୍ତ ନାୟକ ସମସ୍ତ ଲୋକପ୍ରତିନିଧିଙ୍କୁ ଦଳୀୟ ଉତ୍ତରୀୟ, ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ରାଜୀବ ଦାସବାବୁ ପ୍ରମୁଖ ସହଯୋଗ କରିଥିଲେ। ଅପରପକ୍ଷରେ ନୀଳଗିରି ବିଜେଡ଼ିର ଅନ୍ୟତମ ଆଶାୟୀ ସନ୍ତୋଷ ଖଟୁଆ ତାଙ୍କ ବିଜେଡ଼ି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ସମାନ୍ତରାଳ ଭାବେ ମିଶ୍ରଣ ପର୍ବର ଆୟୋଜନ କରିଥିଲେ। ଏଥିରେ ନୂତନ ଭାବେ ୪୫ଜଣ ଲୋକପ୍ରତିନିଧି ଦଳରେ ସାମିଲ ହୋଇଥିଲେ।

# ଗୋପାଳପୁରରେ କଂଗ୍ରେସର କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ସୋର ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଧଡା ଓ ଅନ୍ୟ କର୍ମକର୍ତ୍ତା।

ବାହାନଗା, ୨୫।୪(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ସୋର ନିର୍ବାଚନମଣ୍ଡଳୀ ଅଧୀନ ବାହାନଗା ବ୍ଲକ ଗୋପାଳପୁର କଂଗ୍ରେସ ଭବନରେ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ସଂସଦୀୟ କ୍ଷେତ୍ରର ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ଯୋଗଦେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଫଳତାର ବାର୍ତ୍ତା ପହଞ୍ଚାଇବା, କଂଗ୍ରେସର ୧୦ଟି ଗ୍ୟାରେଣ୍ଟି ବାବଦରେ ଲୋକଙ୍କୁ ଜଣାଇ ସଚେତନ କରାଇବାକୁ ଆହ୍ୱାନ ହେଇଥିଲେ। ସୋର ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଧଡା ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଆରୁହାବାଡ ପଞ୍ଚାୟତର ମନୋଜ କୁମାର ପାଢୀ, ସାହାସପୁରା ପଞ୍ଚାୟତର ମଲ୍ଲିକ ବସିର୍, ମଲ୍ଲିକ ମହିରାଜ ପ୍ରମୁଖ ଅନ୍ୟ ଦଳରୁ ଆସି କଂଗ୍ରେସରେ ସାମିଲ ହୋଇଥିଲେ। ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ମହାପାତ୍ର ସଭାପତିତ୍ୱ କରିଥିଲେ। ନାରୀନେତ୍ରୀ ବାସନ୍ତୀ ସାମଲ, ମହେଶ୍ୱତା ବିଶ୍ୱାଳ, ଲକ୍ଷ୍ମଣ ମହାପାତ୍ର, ନୂଆପୁର ପଞ୍ଚାୟତର ସରପଞ୍ଚ ଅଟଳ ରାଉତ, ଶଶୀକାନ୍ତ ମହାପାତ୍ର, ଶ୍ୟାମସୁନ୍ଦର ଜେନା, ବିଜେଡିରୁ ଯାଇ କଂଗ୍ରେସର ସାମିଲ ହୋଇଥିବା ସୁଧାଂଶୁ ଜେନା, ଜଗଦୀଶ ପଣ୍ଡା, ସେକ୍ ଲେବୁ, ଗଙ୍ଗାଧର ଦାସ, ମଧୁସୂଦନ ଯେନା ପ୍ରମୁଖ ଯୋଗଦେଇ ଆଗାମି ନିର୍ବାଚନରେ ସୋର ବିଧାୟକ ପ୍ରାର୍ଥୀ ଓ ଏମ୍‌ପିଙ୍କୁ ବିଜୟୀ କରାଇବାକୁ କର୍ମୀ ଓ କର୍ମକର୍ତ୍ତାମାନେ ସଂକଳ୍ପ ନେଇଥିଲେ।

# ବେତନଟୀରେ କଂଗ୍ରେସର ନିର୍ବାଚନୀ ସଭା

ବେତନଟୀ,୨୫।୪(ଧରଣୀଧର ମହାନ୍ତି)

ବାଲେଶ୍ୱର ଲୋକସଭା ଆସନ ଅଧୀନ ବଡ଼ସାହି ନିର୍ବାଚନ ମଣ୍ଡଳୀର ବେତନଟୀ ଚଣ୍ଡୀ ମନ୍ଦିର ଛକ ନିକଟରେ ଗୁରୁବାର କଂଗ୍ରେସର ପ୍ରଥମ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଓ ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ କ୍ଷୀରୋଦ ପାତ୍ର ଯୋଗ ଦେଇଥିଲେ। ଦୁଇ ପ୍ରାର୍ଥୀଙ୍କୁ ଜାତୀୟ ରାଜପଥ ବଙ୍ଗଳାଛକସ୍ଥିତ ବିଶ୍ରାମ ଘର ନିକଟରୁ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ମାଦଳର ତାଳେତାଳେ ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ହିମାଂଶୁ ପରିଡ଼ା, ପ୍ରକାଶ କର ମହାପାତ୍ର, ନୀରୋଜ ଦାସ, ଚୂଡ଼ାମଣି ମହାପାତ୍ର, ସିଦ୍ଧାର୍ଥ ଅଗ୍ରୱାଲ, ମନୋରଞ୍ଜନ ବଳ, ଉମାକାନ୍ତ ଘୋଷ, ମାଧବୀ ସେନାପତି, ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ, ଅରୁଣ ଜେନା ମଞ୍ଚରେ ଉପସ୍ଥିତ ଥିଲେ। ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ରାଜ୍ୟ ଓ କେନ୍ଦ୍ରରେ ଶାସନ କରୁଥିବା ବିଜେଡି ଓ ଭାଜପା ଦଳକୁ କଡ଼ା ସମାଲୋଚନା କରିଥିଲେ। ବେତନଟୀ ବ୍ଲକ ସଭାପତି କୁଶଧର ବେହେରା ଓ ବଡ଼ସାହି ବ୍ଲକ ସଭାପତି ମନ୍ମଥ ପ୍ରଧାନଙ୍କ ସହଯୋଗରେ ସଭା ଅନୁଷ୍ଠିତ ହୋଇଥିଲା। ଯୁବ ନେତା ପ୍ରବୀର କୁମାର ବାରିକ ମଞ୍ଚ ପରିଚାଳନା କରିଥିଲେ। ଏହିକାର୍ଯ୍ୟକ୍ରମରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ଶତାଧିକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ସଭାରେ ଉପସ୍ଥିତ ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଓ ଅନ୍ୟମାନେ।

# ବେଆଇନ ଭାବେ ମାର୍କେଟ କମ୍ପ୍ଲେକ୍ସ ଭାଙ୍ଗିବାକୁ ବିରୋଧ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ବ୍ୟବସାୟୀ ସଂଘର କର୍ମକର୍ତ୍ତା।

## ମେ’ ୨ରୁ ଅନଶନ, ଧାରଣା ଚେତାବନୀ

ବାଲେଶ୍ୱର, ୨୫।୪(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଷ୍ଟେଶନ ଛକ ନିକଟସ୍ଥ ଓଟିରୋଡ୍ ମାର୍କେଟ କମ୍ପ୍ଲେକ୍ସର କାର୍ଯ୍ୟାଳୟ ଓ ଶୌଚାଳୟ ପାଇଁ ଉର୍ଦ୍ଧ୍ୱସ୍ଥ ୧୦ଫୁଟ ଓସାର ପାଚେରି ଓ କଂକ୍ରିଟ ଛାତକୁ ବେଆଇନ ଭାବେ କେତେଜଣ ବ୍ୟକ୍ତି ଆଂଶିକ ଭାଙ୍ଗି ଦେଇଛନ୍ତି। ସମୂହ ବ୍ୟବସାୟୀ ସଂଘର କର୍ମକର୍ତ୍ତା ତଥା କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟମାନେ ଗୁରୁବାର ବି.ସି. ସେନ୍ ରୋଡସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ କରି ଏହାକୁ ବିରୋଧ କରିଛନ୍ତି। ମାର୍କେଟ କମ୍ପ୍ଲେକ୍ସ ପଛ ପାଖରେ ଜାଗା କିଣି ଘର କରିଥିବା ଜଣେ ବ୍ୟକ୍ତି ଓ ତାଙ୍କ ସମର୍ଥକ ମାର୍କେଟ କମ୍ପ୍ଲେକ୍ସ ପାଚେରି ତଥା ଦୋକାନ ଘର ଛାତ ବଳପୂର୍ବକ ଭାଙ୍ଗିବା ନେଇ ବ୍ୟବସାୟୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏନେଇ ପ୍ରଶାସନ ଓ ପୋଲିସ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ମେ’ ୨ତାରିଖଠାରୁ ଦୋକାନୀଙ୍କ ପରିବାରବର୍ଗଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ଓ ଧାରଣା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ମାର୍କେଟ କମ୍ପ୍ଲେକ୍ସ କମିଟି ସମୂହର ସଭାପତି ବିରଜା ପ୍ରସାଦ ନାୟକି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବାରିକ, ସର୍ବେଶ୍ୱର ପାଣିଗ୍ରାହୀ, ବିଜୟ ସେଠୀ, ସେକ୍ ଆତିହ୍, ଚିରଞ୍ଜନ ତ୍ରିପାଠୀ, ଅସିତ୍ କୁମାର ନାୟକ, ସନାତନ ଦାସ ଓ ନିର୍ମଳ ଚନ୍ଦ୍ର ଦାସ ପ୍ରମୁଖ କ୍ଷୋଭ ପ୍ରକାଶ କରିଥିଲେ। ସେମାନେ ଏନେଇ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ମାନବାଧିକାର କମିଶନ, ଜିଲାପାଳ, ଏସ୍‌ପି ଓ ସଦର ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ପ୍ରକାଶ କରିଛନ୍ତି।

# ବିକାଶର ବାର୍ତ୍ତା ନେଇ ପ୍ରଚାର କଲେ ଏମ୍‌ପି, ବିଧାୟକ ପ୍ରାର୍ଥୀ

ବାଲେଶ୍ୱର,୨୫।୪(ମାନସ ବିଶ୍ୱାଳ)

ବାଲେଶ୍ୱର ପୌରପରିଷଦ ୪ନଂ, ୬ନଂ ଓ ୨୮ନଂ ୱାର୍ଡରେ ଗୁରୁବାର ଅନୁଷ୍ଠିତ ହୋଇଥିଲା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଏବଂ ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ଏବଂ ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ସଚେତନ କରାଇବା ସହ ଆସନ୍ତା ଜୁନ ୧ ତାରିଖରେ ଉଭୟ ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା ଆମ ଓଡିଶା ନବୀନ ଓଡିଶା ବାଲେଶ୍ୱର ଜିଲା ସଂଯୋଜକ ରଞ୍ଜନ ବାଗ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ୬ନଂ. ୱାର୍ଡର କାଉନସିଲର କବିତା ମୁର୍ମୁ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ଟାଉନ ମହିଳା ସଭାପତି ମୀନା ମହାନ୍ତି, ପୂର୍ବତନ କାଉନସିଲର ଆସମା ବିବି , ବିଜେଡିର ବହୁ କର୍ମକର୍ତ୍ତା ପ୍ରଚାରରେ ସାମିଲ ଥିଲେ।

